## ମୌଳିକ ସମସ୍ୟାର ସମାଧାନ ଦାବି

# ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ୮ ଗ୍ରାମବାସୀ

ଛତ୍ରପୁର, ୭ ।୭ (ସମିସ)



ଜମି ବା ଘରବାରି ପଟ୍ଟା ଏବଂ ଗାଁକୁ ରାସ୍ତା ପାନୀୟ ଜଳ ଯୋଗାଣ ଓ ଝଗଡ଼ାପଲ୍ଲୀ ମୌଜାରେ ଜମି ଚିହ୍ନଟ ଏବଂ ଅନ୍ୟାନ୍ୟ ମୌଳିକ ସମସ୍ୟାର ସମାଧାନ ନେଇ ପାତ୍ରପୁର ବ୍ଲକ ତୁରୁବୁଡି ପଞ୍ଚାୟତର ବିସ୍ଥାପିତ ହୋଇଥିବା ଆଠ ଖଣ୍ଡ ଗ୍ରାମାବସୀ ସୋମବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ସିନ୍ଦୂରପଲ୍ଲୀ, ବେଙ୍ଗେଇସାହି, ଦୁତୀୟାସାହି, ପୁଡ଼ାଡିହ, ବାଟଡିହପଡ଼ା, କରାବାଙ୍କି, ବୁରୁଡାସିଂ, ଗମ୍ଭାରୀଖୋଇ, ଯନ୍ତ୍ରଗଡ଼ ଗ୍ରାମବାସୀ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ। ସେମାନେ ଆଦିବାସୀ ଓ ଅନୁସୂଚିତ ଜାତି ସମ୍ପ୍ରଦାୟର ବ୍ୟକ୍ତି ହୋଇଥିଲେ ବି ଗ୍ରାମକୁ ଯାତାୟତ ପାଇଁ ରାସ୍ତା ନଥିବାରୁ ଗର୍ଭବତୀଙ୍କୁ ଡାକ୍ତରଖାନା ନେବା ଆଣିବାରେ ଅସୁବିଧା ହେଉଛି। ବେଳେବେଳେ କୌଣସି ରୋଗୀଙ୍କୁ ମେଡିକାଲ ଆଣିବା ବେଳେ ରାସ୍ତାରେ ହିଁ ତାର ମୃତ୍ୟୁ ହୋଇଥାଏ। ଏନେଇ ଏହି ଆଠ ଖଣ୍ଡ ଗ୍ରାମର ୮ ଟି ଦାବି କରାଯାଇଛି । ଦାବି ମଧ୍ୟରେ ରାସ୍ତା ଓ ପାନୀୟ ଜଳ, ଆଠ ଖଣ୍ଡ ଗ୍ରାମର କୌଣସି ବ୍ୟକ୍ତିଙ୍କ ଘରବାଡି ପଟ୍ଟା ନଥିବାରୁ ପିଲାମାନେ ଉଚ୍ଚ ଶିକ୍ଷା ପାଇଁ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଜାତିଗତ ପ୍ରମାଣ ଓ ଅନ୍ୟନ୍ୟ ଆବସଶ୍ୟକୀୟ କାଗଜ ପତ୍ର ନାହିଁ। ଆଠ ଖଣ୍ଡ ଗ୍ରାମକୁ ଦିଆଯାଇଥିବା କୋଠଘର ଏବଂ ସୋସାଇଟି ଘର ମରାମତି କରାଯାଉ, ଝଗଡ଼ାପଲ୍ଲୀ ମୌଜାରେ ପଟ୍ଟା ମିଳିଥିବା ବ୍ୟକ୍ତିଙ୍କ ଜମି ଚିହ୍ନଟ କରାଯାଉ ଏବଂ ପଟ୍ଟା ପାଇନଥିବା ବ୍ୟକ୍ତିଙ୍କୁ ତୁରନ୍ତ ପଟ୍ଟା ପ୍ରଦାନ। ବାଘଲଟି ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା କିଛି ପରିବାରଙ୍କୁ ଡିପି ଟଙ୍କା ମିଳିନଥିବା ବ୍ୟକ୍ତିଙ୍କୁ ଟଙ୍କା ପ୍ରଦାନ ଆଦି ଦାବି କରାଯାଇଥିଲା ।

# ଠିକା ସଂସ୍ଥାର ତ୍ରୁଟି: ଦରମାରୁ ବଞ୍ଚିତ ସଫେଇ କର୍ମଚାରୀ

କବିସୂର୍ଯ୍ୟନଗର, ୭ ।୭ (ସମିସ): ଦୀର୍ଘଦିନ ଧରି କବିସୂର୍ଯ୍ୟନଗର ଏନ୍ଏସି ବିନା ଟେଣ୍ଡରରେ ସଫେଇ ସଂସ୍ଥାକୁ ହାତେଇ ନେଇଥିବା ଠିକା ସଂସ୍ଥାର ମନାମାନୀ ଯୋଗୁଁ ବକେୟା ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି ସଫେଇ କର୍ମଚାରୀ। ନିଜର ଜୀବନଜୀବିକା ଓ ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ନିଜ ସ୍ୱାସ୍ଥ୍ୟକୁ ଖାତିର ନ କରି ନାଳ, ନର୍ଦ୍ଦମା ଭଳି ଅସ୍ୱାସ୍ଥ୍ୟକର ପରିବେଶରେ ନିୟୋଜିତ ହୋଇଥାନ୍ତି ସଫେଇ କର୍ମଚାରୀ । ଏଭଳି ସ୍ଥିତିରେ ନିୟମ ଅନୁଯାୟୀ ମିଳୁନି ସାବୁନ ମାସ୍କ, ଗ୍ଲୋବ, ଡ୍ରେସ୍। ସରକାରଙ୍କ ନିୟମ ଅନୁଯାୟୀ ପ୍ରଦାନ କରୁନି ଠିକା ସଂସ୍ଥା। ଯାହା ଫଳରେ ବିଭିନ୍ନ ସମୟରେ ରୋଗାକ୍ରାନ୍ତ ହେବା ସହ ଆର୍ଥିକ ଅନଟନରେ ଶଢ଼ିବାକୁ ଏକ ପ୍ରକାର ବାଧ୍ୟ ହେଉଛନ୍ତି । ଅନ୍ୟପଟେ ଏନଏସି ପକ୍ଷରୁ ଠିକ ସଂସ୍ଥାକୁ ବାରମ୍ବାର କର୍ମଚାରୀଙ୍କ ଇପିଏଫ୍ ବକେୟା ପୈଠ କରିବାକୁ ତାଗିଦ କଲେ ବି କୌଣସି ସୁଫଳ ମିଳୁନାହିଁ। ଏନ୍ଏସି ପକ୍ଷରୁ ଏନେଇ ନୋଟିସ କରାଯାଉଥିଲେ ମଧ୍ୟ ସଫେଇ କର୍ମଚାରୀଙ୍କ ଡାଟା ପ୍ରଦାନ କରୁନି। ଫଳରେ ସେମାନଙ୍କ ବକେୟା ପ୍ରଦାନ କରିବାରେ ସମସ୍ୟା ଉପୁଜୁଛି। ଏପରି ସ୍ଥଳେ କାର୍ଯ୍ୟରତ ସଫେଇ କର୍ମଚାରୀ ବଳି ପଡୁଥିବା ବେଳେ ଠିକା ସଂସ୍ଥା ମାଲାମାଲ ହେଉଛନ୍ତି । ଏଥିରେ କିଛି କୁଜି ନେତା ସମ୍ପୃକ୍ତ ଥିବା ନେଇ ଅଭିଯୋଗ ହେଉଛି । କହିବାକୁ ଗଲେ କୁଜି ନେତାଙ୍କ ପାଇଁ ଅନ୍ଧାରକୁ ଠେଲି ହେଇ ଯାଉଛି ସଫେଇ କର୍ମଚାରୀଙ୍କ ଭବିଷ୍ୟତ । ସେମାନଙ୍କ ଅଧିକାର କ୍ଷୁର୍ଣ୍ଣ ହେବା



ସହ ମିଳୁଥିବା ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି । ଯାହା ଫଳରେ ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ କରିବାରେ ଏହି କୁଜିନେତା ନେଇପାରନ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା। ଅନ୍ୟପଟେ କେବେ ସଫେଇ କର୍ମଚାରୀଙ୍କ ଇପିଏଫ୍ ପୈଠ ହେବ ଓ କେବେ ଠିକାସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ବନ ମହୋତ୍ସବ ସପ୍ତାହ ପାଳିତ




ଜଗନ୍ନାଥପ୍ରସାଦ, ୭ ।୭ (ସମିସ): ଜଗନ୍ନାଥପ୍ରସାଦ ବ୍ଲକ ଆଞ୍ଚଳିକ ଡ଼ିଗ୍ରୀ କଲେଜ ପରିସରରେ ଆମ କଲେଜ ଆମ ଗୌରବ, ଜାତୀୟ ସେବା ଯୋଜନା, ଭାରତ ସ୍କାଉଟ୍ ଏଣ୍ଡ ଗାଇଡ ଓ ଯୁବ ରେଡକ୍ରସ୍ ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସନାତନ ସାହୁ ପ୍ରଥମେ ଏକ ଚାରା ରୋପଣ କରି ଉତ୍ସବକୁ ଉଦଘାଟନ କରିଥିଲେ । ଅଧ୍ୟାପକ ବିଭୁତି ଭୁଷଣ ପ୍ରଧାନ, ବିରଞ୍ଚି ନାରାୟଣ ପ୍ରଧାନ, ଶ୍ରୀକାନ୍ତ ପାତ୍ର, ପଞ୍ଚାନନ ପଲାଇ, ଅଧ୍ୟାପିକା ସୁଚରିତା କର, ସୁନିତା ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରନ୍ଥାଗାରିକ ରଘୁନାଥ ପାଣି, ଡିଇଓ ସରୋଜ କୁମାର ନାୟକ ସ୍ୱେଚ୍ଛାସେବୀ ଶୋଭନ ସାହୁ, ସାଇରାମ ପ୍ରଧାନ, ଯଜ୍ଞସେନ ନାୟକ, ଲିପୁ ସାହୁ, ପ୍ରୀତି ବେହେରା, ନନ୍ଦିନୀ ନାଇକ, ପୁଷ୍ପାଞ୍ଜଳି ପ୍ରଧାନ, ଲକ୍ଷ୍ମୀ ନାଇକ, ରିତା ରାଉତ, ଜ୍ୟୋତି ପ୍ରଧାନ ସହଯୋଗ କରିଥିଲେ ।

# ବନାଞ୍ଚଳ ପକ୍ଷରୁ ବନ ମହୋତ୍ସବ



ସୋରଡା, ୭ ।୭ (ସମିସ): ସୋରଡା ବନବିଭାଗ ସହାୟତାରେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର କର୍ତ୍ତୃପକ୍ଷଙ୍କ ତରଫରୁ ପଲକାଟୁ ବିଟ ଅନ୍ତର୍ଗତ ପଞ୍ଚାନନ ଛକ ନିକଟ ସତସଙ୍ଗ କେନ୍ଦ୍ରରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ନିହାର ରଞ୍ଜନ ମଲିକଙ୍କ ସହଯୋଗ ଓ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ରଥଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯକ୍ୟମରେ ସୋରଡ଼ା ଏନଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ପୂର୍ବତନ ସମ୍ପାଦକ ଉପେନ୍ଦ୍ର ନାଥ ପାତ୍ର, ସମ୍ପାଦକ ମହେଶ୍ୱର ସାହୁ ସହ ସମ୍ପାଦକ ଗୁରୁ ପ୍ରସନ୍ନ ପଟ୍ଟନାୟକ, ବିଦ୍ୟା ମନ୍ଦିରର ଶାରୀରିକ ପ୍ରମୁଖ ଦୁଃଖୀଶ୍ୟାମ ସାହୁ ସହିତ କିଛି ଛାତ୍ରଛାତ୍ରୀ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା । ସତସଙ୍ଗ କେନ୍ଦ୍ର ପ୍ରମୁଖ ଧୋବା ବେହେରା, ସତ୍ୟ ନାରାୟଣ ସୁବୁଦ୍ଧି, ପ୍ରଫୁଲ୍ଲ କୁମାର ସାହୁ, ଏମ୍ ମୋଟିରାମ ପାତ୍ର ପ୍ରମୁଖ ଅଂଶଗ୍ରହଣ କରି ଆଗାମୀ ଭବିଷ୍ୟତରେ ଗୋଟିଏ ଗଛ ଶହେ ଜୀବନର ଦୀକ୍ଷା ନେଇ ପରିବେଶ ସନ୍ତୁଳନ ପାଇଁ ଏସିଓ ଅତ୍ୟାଧୁନିକ ଯନ୍ତ୍ରାଂଶ ବ୍ୟବହାରକୁ ପରିବର୍ତ୍ତନ କରିବା ଓ ସମାଜରେ ପରିବେଶ ସନ୍ତୁଳନ ପାଇଁ ଏକ ପ୍ରମୁଖ ଭୂମିକା ନେବା ନେଇ କହିଛନ୍ତି ।

# ତ୍ରିନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଧରାକୋଟ, ୭ ।୭ (ସମିସ): ଧରାକୋଟ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପରିସରରେ ନିର୍ମିତ ତ୍ରିନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଭାତରୁ କଳସ ଯାତ୍ରା, ସର୍ବ ଦେବତା



ଆବାହନ, ଦେବତା ସ୍ନାନ, ଶୟନ, ନ୍ୟାସ ପରେ ପୂର୍ଣ୍ଣାହୁତି କରାଯାଇ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ମଧ୍ୟାହ୍ନରେ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦମକଳ କେନ୍ଦ୍ର କର୍ମଚାରୀ ପବିତ୍ର ବେହେରା ଓ ତାଙ୍କ ଧର୍ମପତ୍ନୀ ପ୍ରଜ୍ଞା ବେହେରା କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ । ଅଗ୍ନିଶମ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ପ୍ରାକ୍ତନ ଅଗ୍ନିଶମ ବାହିନୀର ଅଧିକାରୀ ଚିତ୍ତ ରଞ୍ଜନ ସାହୁ, ଜଗନ୍ନାଥ ପଣ୍ଡା ଉପସ୍ଥିତ ରହିଥିବା ବେଳେ ଆଗ୍ନିକ ଦୁଷ୍ମନ୍ତ ପ୍ରଧାନ, କୃଷ୍ଣଚନ୍ଦ୍ର ନାୟକ, ଯୁଗଳ ଦିଗାଲ, ଭୀମସେନ ନାୟକ, ଯୁଧିଷ୍ଠିର ମାଝି, ଅରୁଣ ବିନ୍ଧାଣି ଓ ସୁଭ୍ରଜିତ ରଥ ପ୍ରମୁଖ ସହଯୋଗ କରିଥିଲେ ।

# କଳା ବ୍ୟାଜ ପିନ୍ଧି ଅମଲା ସଂଘର ଆନ୍ଦୋଳନ

ଛତ୍ରପୁର, ୭ ।୭ (ସମିସ): ୧୦ ଦଫା ଦାବି ନେଇ ଜୁଲାଇ ୭ ତଥା ସୋମବାର ଠାରୁ କଳା ବ୍ୟାଜ୍ ପରିଧାନ କରି ଆନ୍ଦୋଳନକୁ ଓହ୍ଲାଇଛି ରାଜସ୍ୱ ଅମଲା ସଂଘ। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ ପରିଧାନ କରିବେ ତା ସତ୍ତ୍ୱେ ଯଦି ରାଜ୍ୟ ସରକାର ଦାବିଗୁଡ଼ିକ ପୂରଣ ନ କରନ୍ତି ତେବେ, ଜୁଲାଇ ୧୪ ତାରିଖ ଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ଚେତାବନୀ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ରାଜସ୍ୱ ଅମଲା ସଂଘର ନିର୍ଦ୍ଦେଶ କ୍ରମେ ଗଞ୍ଜାମ ଜିଲ୍ଲା ରାଜସ୍ୱ ଅମଲା ସଂଘ ପକ୍ଷରୁ ବହୁ ସଭ୍ୟ/ ସଭ୍ୟା ମାନେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଳା ବ୍ୟାଜ ପରିଧାନ କରି ଦାବି ପୂରଣ ନିମନ୍ତେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓଆର୍ଏସ୍ପି-୨୦୧୭ ନିୟମ ଅନୁଯାୟୀ ଲେଭେଲ୍ -୯କୁ ବୃଦ୍ଧି କରିବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୮୮୯୮ / ୧୫. ୦୩. ୨୦୨୪ ଅନୁଯାୟୀ ସମସ୍ତ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯାଉ, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯାଉ, ୨୦୨୦ରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିଭିରେ ନିଯୁକ୍ତି ପ୍ରଦାନ କରାଯବା ଭଳି ଦାବି ରହିଛି । ଏନେଇ ଗତ ୨୫ ତାରିଖ ଦିନ ଗଞ୍ଜାମ ଜିଲ୍ଲା ରାଜସ୍ୱ ଅମଲା ସଂଘ ପକ୍ଷରୁ ଏକ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳଙ୍କୁ ଭେଟି ପ୍ରଦାନ କରାଯାଇଥିଲା ।

# ୧୬୬ ଅଭିଯୋଗର ଶୁଣାଣି କଲେ ସିଡିଓ



ଛତ୍ରପୁର, ୭ ।୭ (ସମିସ): ସ୍ଥାନୀୟ ଜଉଗଡ଼ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାପାଳ ଓ ଏସ୍ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ରହିଥିବାବେଳେ ଉଭୟ ଜିଲ୍ଲାପାଳ ଓ ଏସ୍ପି ଅନୁପସ୍ଥିତ ଥିଲେ। ଏହି ଅବସରରେ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା ଓ ଗଞ୍ଜାମ ପୁଲିସ ଜିଲ୍ଲାର ଅତିରିକ୍ତ ଏସ୍ପି ପ୍ରଶାନ୍ତ କୁମାର ଦାଶ ଉପସ୍ଥିତ ରହି ୧୬୬ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥି ମଧ୍ୟରୁ ୧୫୯ ଟି ବ୍ୟକ୍ତିଗତ ହୋଇଥିବା ବେଳେ ୭ଟି ସାମୂହିକ ଅଭିଯୋଗ ରହିଛି। କେତେକ ଅଭିଯୋଗ ଗୁଡ଼ିକର ଆଶୁ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗ ଗୁଡିକର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଏହା ସହିତ ୨ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି । ଏଥିରେ ଛତ୍ରପୁର ଉପଖଣ୍ଡ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଜନ ସାଧାରଣ ଯୋଗଦେଇ ସେମାନଙ୍କ ଅଭିଯୋଗ ଗୁଡିକ ଅବଗତ କରାଇଛନ୍ତି। ମୁଖ୍ୟତଃ ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଭତ୍ତା, ପାନୀୟ ଜଳ ସମସ୍ୟା, ଆବାସ ଗୃହ ଯୋଗାଇବା, ରାସନ କାର୍ଡ ଭଳି ବିଭିନ୍ନ ଅଭିଯୋଗ ଗୁଡିକ ଦେଖିବାକୁ ମିଳିଛି ।

# ରାହୁଲ ଗାନ୍ଧୀଙ୍କ ଗସ୍ତ ନେଇ କଂଗ୍ରେସର ପ୍ରସ୍ତୁତି



ସାନଖେମୁଣ୍ଡି, ୭ ।୭ (ସମିସ): ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଆସନ୍ତା ଜୁଲାଇ ୧୧ ତାରିଖରେ କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ ଅନୁଷ୍ଠିତ ହେବାକୁ ଯାଉଛି । ସେହି ସମାବେଶରେ ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ସଙ୍ଗଠନ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଯୋଗଦେବେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସାନଖେମୁଣ୍ଡି କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସୋମବାର ବୁଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ସମାବେଶର ରୂପରେଖ ଉପରେ ଆଲୋକପାତ କରିବା ସହ ଏହାକୁ ସଫଳ କରିବା ଲାଗି ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଦଳୀୟ ଆର୍ଥିକ ସହଯୋଗ ନମିଳିବା ସତ୍ତ୍ୱେ ସମସ୍ତ କର୍ମୀ ନିଜ ନିଜ ଉଦ୍ୟମରେ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ସ୍ୱୀକୃତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଚରଣ ପାତ୍ର, ବ୍ଲକ କଂଗ୍ରେସ ସଭାପତି ବାବୁଲା ଦୋର, ଚୁଡ଼ଙ୍ଗପୁର ସରପଞ୍ଚ ଜାଗିଲି ସେଠୀ, ଖଲିଙ୍ଗି ସରପଞ୍ଚ ଅର୍ଣ୍ଣବ ନାୟକ, ସରପଞ୍ଚ ପ୍ରତିନିଧି ମୁକୁନ୍ଦ ଚନ୍ଦ୍ର ବରାଡ, ମିଥୁନ ସେଠୀ, ରୋହିତ ଖୁଣ୍ଟିଆ, ପିଣ୍ଟୁ ସେଠୀ, ସଞ୍ଜୟ ଦୋରା, ପୂର୍ବତନ ସରପଞ୍ଚ ନିରାକାର ପ୍ରଧାନ, ସହଦେବ ପ୍ରଧାନ, ସମିତି ସଭ୍ୟ ସଂଗ୍ରାମ ବିଷୋୟୀ, ବିଲୁ ସେଠୀ, ସୀମାଞ୍ଚଳ ଗୌଡ଼ଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ଆଇନ ସଚେତନତା କାର୍ଯ୍ୟକ୍ରମ

ଛତ୍ରପୁର, ୭ ।୭ (ସମିସ): ଛତ୍ରପୁର ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ଚମାଖଣ୍ଡି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଛତ୍ରପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ତାଲୁକ୍ ଆଇନ ସେବା କମିଟିର ଅଧ୍ୟକ୍ଷ ପ୍ରଦୀପ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଶିକ୍ଷକ/ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଆଇନ ସେବା କମିଟି ସଦସ୍ୟମାନେ ବୃକ୍ଷରୋପଣ କରିଥିଲେ। ଏହା ସହ ଏକ ଆଇନ୍ ସଚେତନତା ଶିବିର 'ଜୁଭେନାଇଲ୍ ଜଷ୍ଟିସ୍ ଆଇନ ଓ ଅନିବାର୍ଯ୍ୟ ଶିକ୍ଷା ଅଧିକାର ଆଇନ' ମଧ୍ୟ ଆୟୋଜନ କରାଯାଇଥିଲା । ଅନ୍ୟତମ ଅତିଥି ଭାବେ ସିନିୟର୍ ସିଭିଲ ଜଜ୍ ପୂଜା ଦେ, ଏସଡିଜେଏମ ପ୍ରିତିସ୍ କୁମାର୍ ରଥ, ଜେଏମଏଫ୍ସି ସ୍ୱାଗତିକା ସ୍ୱାଇଁ, ଆଇନ୍ ସେବା କମିଟି ମେମ୍ବର ସୁରଜିତ ସାମନ୍ତରାୟ ଓ ମନୋଜ କୁମାର ପାଢ଼ୀ ଯୋଗ ଦେଇଥିଲେ । ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲ ପ୍ରମୋଦ କୁମାର୍ ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ସିନିୟର ଭାଇସ ପ୍ରିନ୍ସପାଲ ସ୍ମିତାବାଳା ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ ।





# ପ୍ରକୃତିବନ୍ଧୁ ପୁରସ୍କାର ପାଇଲେ ଶିକ୍ଷୟିତ୍ରୀ



ଧରାକୋଟ, ୭ ।୭ (ସମିସ): ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଗଞ୍ଜାମ ଜିଲ୍ଲାରୁ ପ୍ରକୃତି ବନ୍ଧୁ ଭାବରେ ୨୨ ଜଣ ଓ ପ୍ରକୃତିମିତ୍ର ଭାବରେ ୨୦ ଜଣ ଚୟନ ହୋଇଛନ୍ତି । ସେଥି ମଧ୍ୟରୁ ଧରାକୋଟ ବ୍ଲକରୁ ଜଣେ ପ୍ରକୃତି ବନ୍ଧୁ ପୁରସ୍କାର ପାଇଛନ୍ତି । ଧରାକୋଟ ବ୍ଲକର ଜୁନିଅର ରେଡ କ୍ରସ ସଂଯୋଜିକା, ସମାଜସେବୀ ଓ ସରଧାପୁରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ରାଉଳ ଏହି ପୁରସ୍କାର ପାଇଛନ୍ତି । ଜିଲ୍ଲାସ୍ତରୀୟ ପରିବେଶ ଉତ୍ସବ ନଗର ବନ ଶିନ୍ଦୁରାପଲ୍ଲୀ, ଛତ୍ରପୁରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଛତ୍ରପୁର ଉପ ଜିଲ୍ଲାପାଳ ଶିବାଶିଶ ବାର୍ଲା, ବ୍ରହ୍ମପୁର ସନ୍ନି ଖୋରକର, ଭଞ୍ଜନଗର ଘୁମୁସର ଉତ୍ତର ହିମାଂଶୁ ଶେଖର ମହାନ୍ତି, ଘୁମୁସର ଦକ୍ଷିଣ ବିପାସା ପାରୁଲଙ୍କ ଉପସ୍ଥିତିରେ ରଶ୍ମିତା କୁମାରୀ ରାଉଳଙ୍କୁ ମାନପତ୍ର ସହ ଦଶ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମରେ ବିଭିନ୍ନ ରେଞ୍ଜର, ଫରେଷ୍ଟର, ଛତ୍ରପୁର ଇକୋ କ୍ଲବ ଓ ଭାରତ ସ୍କାଉଟ, ଗାଇଡ଼ର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# କଳିଙ୍ଗ ସାହିତ୍ୟ ସମାଜର ସାହିତ୍ୟ ଆସର



ବ୍ରହ୍ମପୁର, ୭ ।୭ (ସମିସ): କଳିଙ୍ଗ ସାହିତ୍ୟ ସମାଜର ସାହିତ୍ୟ ଆସର ଓ କବିତା ପାଠୋତ୍ସବ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଉପସଭାପତି ପ୍ରଫେସର ଡକ୍ଟର ବନମାଳୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଇଂରେଜୀ ବିଭାଗ ପ୍ରାକ୍ତନ ମୁଖ୍ୟ ପ୍ରଫେସର ଡକ୍ଟର ଇ. ରାଜା ରାଓ, ସମ୍ମାନିତ ଅତିଥି ଭାବେ କବି ମନୋରଞ୍ଜନ ପାଣିଗ୍ରାହୀ, ସଂଗଠନ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ଏବଂ ସଂଯୋଜିକା କବୟିତ୍ରୀ ପଦ୍ମିନୀ ମିଶ୍ର ମଞ୍ଚାସୀନ ଥିଲେ। ପଣ୍ଡିତ ଚନ୍ଦ୍ର ଶେଖର ମହାପାତ୍ର ବେଦ ପାଠ କରିଥିଲେ। ବୟୋଜ୍ୟେଷ୍ଠ କବି ଭିକାରୀ ଚରଣ ମହାପାତ୍ରଙ୍କ ରଚିତ ଆଧ୍ୟାତ୍ମିକ ସଂକଳନ 'ଗୀତରେ ଗୀତରେ ଗୀତା' 'ଗୀତା ପ୍ରଦୀପିକା' ଏବଂ 'ଅଧୁରା ସପନ' ଅତିଥିଙ୍କ ଦ୍ୱାରା ପାଠକାର୍ପିତ ହୋଇଥିଲା । କଳିଙ୍ଗ ସାହିତ୍ୟ ସମାଜର ନିଷ୍ପତ୍ତିକ୍ରମେ ପ୍ରତ୍ୟେକ ମାସର ସାହିତ୍ୟ ଆସର ପ୍ରଥମ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହେବ ବୋଲି କୁହାଯାଇଛି । କବୟିତ୍ରୀ ପଦ୍ମିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସାହିତ୍ୟ ଆସରରେ ଡ. ସନ୍ତୋଷ କୁମାର ଦାଶ, ଅନୁପ କୁମାର ମିଶ୍ର, ଦେବୀ ପ୍ରସାଦ ମହାପାତ୍ର ଉପସ୍ଥିତ ଥିବା ବେଳେ ସାହିତ୍ୟିକ ଦୀନବନ୍ଧୁ ଶ୍ରୀପଲ୍ଲବ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୀପ ତଳ ଅନ୍ଧାର

# ସମସ୍ୟାରେ ବ୍ଲକ୍ ମୁଖ୍ୟାଳୟ ନିକଟବର୍ତ୍ତୀ ଗାଁ





ଜଗନ୍ନାଥପ୍ରସାଦ, ୭ ।୭ (ସମିସ)

ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଗ୍ରାମକୁ ନାହିଁ ପକ୍କା ରାସ୍ତା, ସ୍ୱାସ୍ଥ୍ୟ ସେବା ଏବଂ ପାନୀୟ ଜଳ ଯୋଗାଣ। ତେବେ ଏ କୌଣସି ଉପାନ୍ତ ଅଞ୍ଚଳ ଘଟଣା ନୁହେଁ, ବ୍ଲକ ମୁଖ୍ୟାଳୟ ଠାରୁ ମାତ୍ର ୫ କିମି ଦୂରରେ ଥିବା ରାଉତି ପଞ୍ଚାୟତ ଅଧୀନ ଆଦିବାସୀ ଅଧୁଷିତ 'ଆଲମଡା' ଗ୍ରାମରେ ଦେଖିବାକୁ ମିଳିଛି ଏହିଭଳି ଦୃଶ୍ୟ । ସେଠାରେ ଲୋକଙ୍କ ପାଖରେ ସାଧାରଣ ସୁବିଧା ମଧ୍ୟ ପହଞ୍ଚି ପାରିନାହିଁ। ସରକାରୀ ବ୍ୟବସ୍ଥା ସତେ ଯେମିତି ଏଠାରେ ଫେଲ ମାରିଛି। ପକ୍କା ରାସ୍ତାଟିଏ ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ କୌଣସି ସଫଳ ମିଳିପାରିନାହିଁ। ତେଣୁ ଗ୍ରାମର ମହିଳା ଓ ପୁରୁଷ ମାନେ ସୋମବାର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କୁ ଅଭିଯୋଗ ପତ୍ର ଦାଖଲ କରିଥିଲେ। ହେଲେ ବିଡିଓ ସେମାନଙ୍କ ଗୁହାରି ଶୁଣିବା ବଦଳରେ କାମ ଅଛି କହି ନିଜ କକ୍ଷ ତ୍ୟାଗ କରି ଚାଲିଯାଇଥିଲେ। ଫଳରେ ଗ୍ରାମବାସୀ ସେଠାରେ ହୋହାଲ୍ଲା କରିଥିଲେ। ଫଳରେ କିଛି ସମୟ ପାଇଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା।

**ଗୁହାରି ଶୁଣିଲେନି ବିଡିଓ, ଗ୍ରାମବାସୀଙ୍କ ହୋହାଲ୍ଲା**

ଗ୍ରାମବାସୀଙ୍କ କହିବା ହେଲା, ଆଲମଡା ଗ୍ରାମ ଏକ ଆଦିବାସୀ ଅଧୁଷିତ ଅଞ୍ଚଳ। ଗ୍ରାମକୁ ଯିବାକୁ ହେଲେ ପଞ୍ଚାୟତର ନିକଟତମ ଗ୍ରାମ ହରିଜନ ପଙ୍କାଳ ସାହି ଠାରୁ ତଳ ବେଢ଼ାଘାଇ, ଉପର ବେଢ଼ାଘାଇ, ଏକଘରିଆ ପଲ୍ଲୀ ଦେଇ ଯିବାକୁ ପଡେ। ବ୍ଲକ ମୁଖ୍ୟାଳୟ ଠାରୁ ମାତ୍ର ୫କିମି ଦୂର ଏହି ଆଦିବାସୀ ଗ୍ରାମଟି ରହିଛି। ଏଠାକାର ଜଙ୍ଗଲଜାତୀୟ ଖାଦ୍ୟ ଶ୍ରାବଣିଆ ଛତୁ, ପିଠଳ, ପାଳୁଅ ଓ କଇଡ ସହରାଞ୍ଚଳରେ ପ୍ରସିଦ୍ଧ । ଗ୍ରାମର କୁନିକୁନି ଶିଶୁମାନେ ପାଠ ପଢ଼ିବା ପାଇଁ ଦେଢ଼ କି.ମି ଦୂର ବେଢ଼ାଘାଇ ବିଦ୍ୟାଳୟକୁ ଓ କାଦୁଆ ଗ୍ରାମରେ ଥିବା ଉଚ୍ଚ ବିଦ୍ୟାଳୟକୁ ପଢ଼ିବା ପାଇଁ ଏହି ରାସ୍ତା ଦେଇ ଦୈନନ୍ଦିନ ଯିବା ଆସିବା କରନ୍ତି। ଏପରିକି କଲେଜ ପଢ଼ିବା ପାଇଁ ମଧ୍ୟ ବ୍ଲକ ମୁଖ୍ୟାଳୟ ଜଗନ୍ନାଥପ୍ରସାଦକୁ ଆସନ୍ତି। ଏହି ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ସଡ଼କ, ପାନୀୟ ଜଳ ଭଳି ମୌଳିକ ସୁବିଧା ନାହିଁ। ଫଳରେ ଗ୍ରାମର ଶିଶୁ ମାନେ ଉନ୍ନତି ଶିକ୍ଷାରୁ ବଞ୍ଚିତ ହେଉଥିବାବେଳେ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି । ନିଜର କାମ ପାଇଁ ଏହି ରାସ୍ତାରେ ଯାତାୟତ କରୁଛନ୍ତି ସ୍ଥାନୀୟ ବାସିନ୍ଦା। ରାସ୍ତାର ଉନ୍ନତିକରଣ ପାଇଁ ବହୁବାର ପ୍ରଶାସନ ନିକଟରେ ଗୁହାରି କରିଥିଲେ ମଧ୍ୟ କିଛି ସୁଫଳ ମିଳିପାରି ନାହିଁ। ତେବେ ପକ୍କା ରାସ୍ତାଟିଏ ପାଇଁ ବହୁବାର ଖବର ପ୍ରସାରଣ ଓ ପ୍ରଶାସନିକ ଅଧିକାରୀଙ୍କୁ ଅଭିଯୋଗ ପତ୍ର ଦେଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ତେଣୁ ଗ୍ରାମର ମହିଳା ମାନେ ସୋମବାର ବିଡ଼ିଓ ମନ୍ମଥନାଥ ମଲ୍ଲିକଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଥିଲେ। ବିଡିଓ ଗ୍ରାମବାସୀଙ୍କ ଅଭିଯୋଗ ଶୁଣିବା ପରେ ସେ ନୂଆ କରି ଏଠାରେ ଯୋଗଦେଇଛନ୍ତି ଏବଂ ରାସ୍ତାଟି କିପରି ମରାମତି ହେବ ସେ ନେଇ ପଚାରି ବୁଝିବି ବୋଲି କହିଥିଲେ। ତେବେ ମହିଳା ମାନେ କାର୍ଯ୍ୟାଳୟରେ ଯୁକ୍ତିତର୍କ କରିବା ସହ ଗ୍ରାମକୁ ଯାଇ କାଦୁଅ ରାସ୍ତାରେ ଯିବା ପାଇଁ ଅନୁରୋଧ କରିଥିଲେ। ଏ କଥା ଶୁଣି ବିଡ଼ିଓ ଆସୁଛି କହି ସିଟ ଛାଡି ଚାଲି ଯାଇଥିଲେ। ତେବେ କେବେ କାର୍ଯ୍ୟକ୍ଷମ ଏହି ରାସ୍ତା, ଗ୍ରାମର ଛାତ୍ରଛାତ୍ରୀ ମାନଙ୍କ କିପରି ପାଠ ପଢ଼ା ହେବ ଏବଂ ସ୍ୱାସ୍ଥ୍ୟ ସେବାରେ କେବେ ସୁଧାର ଆସିବ ବୋଲି ଚିନ୍ତା ପ୍ରକଟ କରି ନିରାଶ ହୋଇ ଫେରିଯାଇଥିବା ଆଲମଡା ଗ୍ରାମବାସୀ ସୂଚନା ଦେଇଛନ୍ତି ।

● ଜାଲ୍ ଜାତି ପ୍ରମାଣପତ୍ର ଯାଞ୍ଚ

## ପୁଣି ଧରାପଡ଼ିଲେ ୪ ସରକାରୀ କର୍ମଚାରୀ

ବ୍ରହ୍ମପୁର,୭ ।୭(ସମିସ): ଜାଲ ଜାତିଗତ ପ୍ରମାଣପତ୍ର ଜରିଆରେ ସରକାରୀ ଚାକିରି ସହିତ ବିଭିନ୍ନ ସୁବିଧା ହାତେଇବା ଭଳି ଅଭିଯୋଗର ତଦନ୍ତ ଜାରି ରହିଛି । ଏ କ୍ଷେତ୍ରରେ ଦକ୍ଷିଣାଞ୍ଚଳର ୮ଟି ଜିଲ୍ଲାରେ ୨୦୨୫ ଜାନୁଆରୀ ସୁଦ୍ଧା ଅଭିଯୋଗ ସଂଖ୍ୟା ମୋଟ ୧୪୫୯ । ସେଥିମଧ୍ୟରୁ ଅନୁସୂଚିତ ଜାତି ବର୍ଗରେ ୮୩୧ଥିବା ବେଳେ ଅନୁସୂଚିତ ଜନଜାତି ବର୍ଗରେ ୬୨୮ଟି ରହିଛି । ସେଥିମଧ୍ୟରୁ ଜିଲ୍ଲାସ୍ତରରୁ ପୁଲିସ ପକ୍ଷରୁ ଯାଞ୍ଚ ତଥା ତଦନ୍ତ ହୋଇ ଆସିଥିବା ମୋଟ ୯୧୬ଟି ଅଭିଯୋଗର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କୋର୍ଟରେ ଶୁଣାଣି କରାଯାଉଛି । ଇତି ମଧ୍ୟରେ ସେଥିରୁ ୬୬୨ଟି ମାମଲାର ଫଇସଲା ହୋଇସାରିଛି । ନିକଟରେ ହୋଇଥିବା ଶୁଣାଣି ବେଳେ ମୋଟ ୨୦ଟି ଅଭିଯୋଗ ମଧ୍ୟରୁ ୮ଟିର ଫଇସଲା ବା ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି । ସମସ୍ତ ୮ଟି ମାମଲା କନ୍ଧମାଳ ଜିଲ୍ଲାର ହୋଇଥିବାବେଳେ ସେଥିରୁ ୪ଟିକୁ ମିଥ୍ୟା ଅଭିଯୋଗ ଓ କେତେକ କ୍ଷେତ୍ରରେ ସମ୍ପୃକ୍ତ ବ୍ୟକ୍ତିଙ୍କର ମୃତ୍ୟୁ ଯୋଗୁଁ ଉକ୍ତ ଅଭିଯୋଗକୁ ବା ମାମଲାକୁ ରଦ୍ଦ କରିଦିଆଯାଇଛି । ଏବଂ ଅନ୍ୟ ୪ଟି ମାମଲାରେ ଅଭିଯୋଗର ସତ୍ୟତା ସ୍ପଷ୍ଟ ହୋଇଥିବାବେଳେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁପାରିଶ କରାଯାଇଥିବା ଜଣାପଡ଼ିଛି । ଜାଲ ଜାତିଗତ ସାର୍ଟିଫିକେଟ ଜରିଆରେ ସରକାରୀ ନିଯୁକ୍ତି ପାଇ ଧରାପଡ଼ିଥିବା ଏହି ୪ଜଣଙ୍କ ମଧ୍ୟରୁ ୨ଜଣ ଶିକ୍ଷକ ଥିବାବେଳେ ଅନ୍ୟଜଣେ ପୂର୍ତ୍ତବିଭାଗର ପିଅନ ଏବଂ ଅନ୍ୟଜଣେ ଇତି ମଧ୍ୟରେ ଚାକିରିରୁ ଅବସର ଗ୍ରହଣ କରିସାରିଥିବା ଜଣାପଡ଼ିଛି । ଦକ୍ଷିଣାଞ୍ଚଳ ରାଜସ୍ୱ କମିସନରଙ୍କ କୋର୍ଟରେ ଶୁଣାଣି ପରେ ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ନିକଟରୁ ଉପରୋକ୍ତ ୪ଜଣଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି । ପ୍ରକାଶଯୋଗ୍ୟ ଯେ' ଗତ ମେ ମାସରେ ମଧ୍ୟ ଅନୁରୂପ ଭାବେ କନ୍ଧମାଳ ଜିଲ୍ଲାର ୯ଜଣ ସରକାରୀ କର୍ମଚାରୀ ଜାଲ ଜାତିଗତ ପ୍ରମାଣ ପତ୍ର ଯାଞ୍ଚରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଏହିକ୍ରମରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର ବ୍ରହ୍ମପୁରଙ୍କ କୋର୍ଟରେ ବର୍ତ୍ତମାନ ଆଉ ମାତ୍ର ୨୫୪ଟି ଅଭିଯୋଗ ବା ମାମଲା ରହିଥିବାବେଳେ ପ୍ରତ୍ୟେକ ମାସରେ ଏ ନେଇ କୋର୍ଟ ଜରିଆରେ ଶୁଣାଣି କରି ତୁରନ୍ତ କିଭଳି ଫଇସଲା କରାଯାଇପାରିବ ସେଥିପାଇଁ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି ।

## ବିଦ୍ୟୁତ୍ ବିଲ୍ ଅପଡେଟ୍ ଆଳରେ ୨.୮୦ ଲକ୍ଷ ଠକେଇ

ବ୍ରହ୍ମପୁର,୭ ।୭(ସମିସ): ବିଦ୍ୟୁତ ବିଲ୍ ଅପଡେଟ୍ କରାଇବା ଆଳରେ ଜଣେ ମହିଳାଙ୍କ ଠାରୁ ୨.୮୦ଲକ୍ଷ ଟଙ୍କା ଠକେଇ ଅଭିଯୋଗ ହୋଇଛି । ସାଇବର ଠକମାନେ ନିଜକୁ ବିଦ୍ୟୁତ ବିଭାଗ କର୍ମଚାରୀ ଭାବେ ପରିଚୟ ଦେଇ ଏହି ଟଙ୍କା ଠକି ନେଇଛନ୍ତି । ଠକେଇର ଶିକାର ମହିଳା ଜଣକ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୂଚନା ପ୍ରକାରେ, ଗାନ୍ଧୀନଗର ୯ମ ଲାଇନ ନିବାସୀ ୬୫ବର୍ଷୀୟ ମହିଳାଙ୍କ ନିକଟକୁ ୨ଦିନ ପୂର୍ବେ ଏକ ଅଜଣା ନମ୍ବରରୁ କଲ ଆସିଥିଲା । କଲ କରିଥିବା ବ୍ୟକ୍ତି ଜଣକ ନିଜକୁ ବିଦ୍ୟୁତବିଭାଗର କର୍ମଚାରୀ ବୋଲି ପରିଚୟ ଦେବା ସହ ବିଦ୍ୟୁତ ବିଲ ଅପଡେଟ କରିବାକୁ କହିଥିଲେ । ବିଲ ଅପଡେଟ ନହେଲେ ଜରିମାନା ଦେବାକୁ ପଡିବ ବୋଲି ଭୟ ଦେଖାଇଥିଲେ । ସେହିକ୍ରମରେ ମହିଳା ଜଣକ ନିଜର ବିଦ୍ୟୁତ ବିଲ ଅପଡେଟ କରିବାକୁ ପରାମର୍ଶ ଲୋଡିଥିଲେ । ପରେ ସଂପୃକ୍ତ ବ୍ୟକ୍ତି ଜଣକ ମହିଳାଙ୍କୁ ଏକ ଲିଙ୍କ ପଠାଇଥିଲେ । ସେହି ଲିଙ୍କରେ କ୍ଲିକ କରିବା ପରେ ମହିଳାଙ୍କ ଆକାଉଣ୍ଟରୁ ପ୍ରଥମେ ୮୦ହଜାର ଓ ପରେ ୧ଲକ୍ଷ ୯୫ହଜାର ଏବଂ ତାହାପରେ ପୁଣି ୫ହଜାର ଟଙ୍କା କଟି ଯାଇଥିଲା । ଏହିଭଳି ଭାବେ ବୃଦ୍ଧାଙ୍କ ବ୍ୟାଙ୍କ ଜମାରୁ ୨ଲକ୍ଷ ୮୦ହଜାର ଟଙ୍କା କଟିଯିବା ପରେ ମହିଳା ଜଣଙ୍କ ବିଦ୍ୟୁତ ବିଭାଗର କର୍ମଚାରୀ ବୋଲି ପରିଚୟ ଦେଇ କଲ କରିଥିବା ସଂପୃକ୍ତ ବ୍ୟକ୍ତିଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ । ହେଲେ ସେହି ବ୍ୟକ୍ତିଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପରିନଥିଲା । ବିଭିନ୍ନ ଆଡୁ ଯାଞ୍ଚ କରିବା ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ପ୍ରକାଶ ଥାଉକି, ୩ଦିନ ପୂର୍ବେ କାଠମେଣ୍ଟୁ ଛକର ଜଣେ ବ୍ୟକ୍ତିଙ୍କ ଠାରୁ ବକେୟା ବିଦ୍ୟୁତ ବିଲ ପଇଠ ଆଳରେ ସାଇବାର ଠକମାନେ ଜଣେ ବ୍ୟକ୍ତିଙ୍କ ଠାରୁ ୩ଲକ୍ଷ ଟଙ୍କା ଠକି ନେଇଥିଲେ ।

## ଦାଦାବଟି ଆଦାୟ ମାମଲାରେ ୨ଗିରଫ

ବ୍ରହ୍ମପୁର,୭ ।୭(ସମିସ): ଜଣେ ବ୍ୟକ୍ତିଙ୍କୁ ରାସ୍ତାରେ ଅଟକାଇ ଦାଦାବଟି ମାଗିବା ଅଭିଯୋଗରେ ଟାଉନ ଥାନା ପୁଲିସ ୨ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବଡବଜାର ଅଞ୍ଚଳର ୱାଇ ରାମୁଲୁ ଓରଫ ରାମୁ(୫୦) ଓ ପି. ଶ୍ରୀନିବାସ ଓରଫ ବାସୁ(୫୦) । ସୂଚନା ପ୍ରକାରେ, ମିଲିଟାରୀ ଲାଇନର ଜି. ଶରତଚନ୍ଦ୍ର ରାଓ ସପ୍ତାହକ ପୂର୍ବେ ରାମଲିଙ୍ଗମ ରୋଡ ଦେଇ ଯାଉଥିବା ବେଳେ ୪ଜଣ ବ୍ୟକ୍ତି ତାଙ୍କୁ ଅଟକାଇ ୫୦ହଜାର ଟଙ୍କା ଦାଦାବଟି ମାଗିଥିଲେ । ତେବେ ଶରତ ଟଙ୍କା ଦେବାକୁ ମନା କରିବାରୁ ସେମାନେ ତାଙ୍କୁ ନାନାପ୍ରକାର ଧମକ ଦେବା ସହ ଏକ ସପ୍ତାହ ମଧରେ ଦାଦାବଟି ଦେବାକୁ ବାଧ୍ୟ କରିଥିଲେ । ତେବେ ଶରତ ଟଙ୍କା ନଦେବାରୁ ଅଭିଯୁକ୍ତମାନେ ରବିବାର ତାଙ୍କୁ ଫୋନ କରି ଗାଳିଗୁଲଜ କରିବା ସହ ପୁଣି ଧମକ ଦେଇଥିଲେ । ଏଥିରେ ଭୟଭିତ ହୋଇ ଶରତ ଟାଉନ ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରିଥିଲା । ସୋମବାର ଅଭିଯୁକ୍ତ ରାମୁ ଓ ଶ୍ରୀନୀବାସଙ୍କୁ ପୁଲିସ ଗିରଫ ପରେ କୋର୍ଟଚାଲାଣ କରିଥିବା ସୂଚନା ମିଳିଛି ।

## ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର

ବ୍ରହ୍ମପୁର,୭ ।୭(ସମିସ): ସ୍ଥାନୀୟ ମେଣ୍ଟୁ ଛକ ନିକଟସ୍ଥ ପାଣ୍ଡବ ନଗରରେ ଏକ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଜଣେ ଯୁବକ ଆହତ ହୋଇଛନ୍ତି । ଆହତ ଯୁବକ ଜଣକ ସ୍ଥାନୀୟ ଅଞ୍ଚଳରେ 'ଛୋଟା' ଭାବେ ପରିଚିତ । ତେବେ ସେ କେଉଁ କାରଣରୁ ବ୍ୟାରିକେଡ୍ ଡେଇଁ ଟ୍ରାନ୍ସଫର୍ମର ଭିତରକୁ ଯାଇଥିଲେ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ପରବର୍ତ୍ତୀ ସମୟରେ ଏ ନେଇ ସୂଚନା ପାଇ ଟିପିଏସଓଡିଏଲ୍ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ବିଦ୍ୟୁତ ସରବରାହକୁ ବନ୍ଦ କରି ଯୁବକ ଜଣଙ୍କୁ ଉଦ୍ଧାର କରିଥିଲେ । ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି ।

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି 'ପଦ୍ମ' ଘୁଞ୍ଚି ଘୁଞ୍ଚି ଯାଉଛି

ବ୍ରହ୍ମପୁର,୭ ।୭(ସମିସ)

ଗତ ମେ ମାସରେ ବ୍ରହ୍ମପୁର ଠାରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର 'ପଦ୍ମ' ଘୁଞ୍ଚି ଘୁଞ୍ଚି ଯାଉଛି । ଏପରିକି ଏହି ସ୍ଥଗିତ କାର୍ଯ୍ୟକ୍ରମ କେବେ ହେବ ତାହା ସ୍ଥିର ହୋଇନଥିବା ବେଳେ ଏ ନେଇ କେହି ମୁହଁ ମଧ୍ୟ ଖୋଲୁନାହାନ୍ତି । ପ୍ରକାଶ ଯୋଗ୍ୟ ଯେ' ସମ୍ବଲପୁର ପରେ ବ୍ରହ୍ମପୁର ଠାରେ ଦକ୍ଷିଣାଞ୍ଚଳର ୮ଟି ଜିଲ୍ଲାର ଜନସାଧାରଣଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା । ଏଥିପାଇଁ ରାଜ୍ୟସ୍ତରରୁ ବହୁ ଅଧିକାରୀ ଗଞ୍ଜାମକୁ ବାରମ୍ବାର ଗସ୍ତ କରି ଛତ୍ରପୁର ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଶାସନ ସଚିବ ତଥା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶକ ନିହାର ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ମଧ୍ୟ କରିଥିଲେ । ଏପରିକି ବ୍ରହ୍ମପୁରଠାରେ ପ୍ରସ୍ତାବିତ ଜନଶୁଣାଣି ମହିଳା ପଲିଟେକ୍ନିକ ଠାରେ ଆୟୋଜିତ କରିବାକୁ ମଧ୍ୟ ସ୍ଥାନ ଚୂଡ଼ାନ୍ତ ହୋଇଥିଲା । ଏହି ଜନଶୁଣାଣିରେ

**ଚାହିଁଛନ୍ତି ୮ଟି ଜିଲ୍ଲାବାସୀ, ପ୍ରସ୍ତୁତି ଓ ସ୍ଥାନ ଚିହ୍ନଟରେ ଅଟକିଛି ଶୁଣାଣି**

ଦକ୍ଷିଣାଞ୍ଚଳର ଗଞ୍ଜାମ, ଗଜପତି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, କନ୍ଧମାଳ ଓ କଳାହାଣ୍ଡି ଭଳି ୮ଟି ଜିଲ୍ଲାର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିବା କୁହାଯାଇଥିଲା । ତେବେ ସବୁ ପ୍ରସ୍ତୁତି ଚୂଡ଼ାନ୍ତ ହେବାପରେ ହଠାତ୍ ବିଭିନ୍ନ କାରଣରୁ ମୁଖ୍ୟମନ୍ତ୍ରୀଙ୍କ ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିଲା । ତେବେ ଇତି ମଧ୍ୟରେ ପ୍ରାୟ ଦୁଇମାସ ବିତିବାକୁ ବସିଥିବାବେଳେ ଏହି ସ୍ଥଗିତ କାର୍ଯ୍ୟକ୍ରମ କେବେ ହେବ ତାହା ମଧ୍ୟ ସ୍ଥିର ହୋଇନଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି ।

ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ନିରାଶ ହୋଇ ଫେରିଥିବା ଦକ୍ଷିଣାଞ୍ଚଳର ବହୁ ଜନସାଧାରଣ ଏହି କାର୍ଯ୍ୟକ୍ରମକୁ ନେଇ ବେଶ ଆଶାବାଦୀ ମଧ୍ୟ ଥିଲେ । ବ୍ରହ୍ମପୁରଠାରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଖୋଦ୍ ମୁଖ୍ୟମନ୍ତ୍ରୀ ସିଧାସଳଖ ସେମାନଙ୍କ ଠାରୁ ଅଭିଯୋଗ ଶୁଣି ତାହାର ତ୍ୱରିତ ସମାଧାନ କରିବେ ବୋଲି ଆଶା ରଖିଥିଲେ । ତେବେ ବର୍ତ୍ତମାନ ପରିସ୍ଥିତିରେ ଏହି କାର୍ଯ୍ୟକ୍ରମ କେବେ ହେବ ତାହା ସ୍ଥିର ହୋଇନଥିବାରୁ ଏଭଳି କାର୍ଯ୍ୟକ୍ରମକୁ ନେଇ ୮ଟି ଜିଲ୍ଲାର ଜନସାଧାରଣ ଚାତକ ଭଳି ଚାହିଁ ରହିଥିବା ଜଣାପଡ଼ିଛି । ସବୁଠାରୁ ବଡ଼କଥା ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ୭୨ଘଣ୍ଟା ପୂର୍ବରୁ ଅର୍ଥାତ୍ ୩ଦିନ ପୂର୍ବରୁ ଅନ୍‌ଲାଇନ ମାଧ୍ୟମରେ ଅଭିଯୋଗ ଗୁଡ଼ିକୁ ପଞ୍ଜିକୃତ କରିବା ସହିତ ଅଭିଯୋଗ ଶୁଣାଣି ଦିନ ମଧ୍ୟ ଅଫ୍‌ଲାଇନ ଜରିଆରେ ଗ୍ରହଣ କରିବାର କାର୍ଯ୍ୟକ୍ରମ ଥିଲା । ଫଳରେ କେତେ ଅଭିଯୋଗକାରୀ ଅନଲାଇନ୍ ମାଧ୍ୟମରେ ସେମାନଙ୍କ ଅଭିଯୋଗ ପଞ୍ଜିକୃତ କରିସାରିଥିବା ଜଣାପଡ଼ିଛି । ସେପଟେ ଦକ୍ଷିଣାଞ୍ଚଳସ୍ତରୀୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରଥମ ଥର ପାଇଁ ଆୟୋଜିତ ହେବାକୁ ଥିବାବେଳେ ତାହା ବର୍ତ୍ତମାନ ପରିସ୍ଥିତିରେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଥିବା ଜଣାପଡ଼ିଛି । ଯାହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର 'ପଦ୍ମ' ଘୁଞ୍ଚି ଘୁଞ୍ଚି ଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଏମ୍‌କେସିଜିରେ ୭ ଡାଇରିଆ ରୋଗୀ



ବ୍ରହ୍ମପୁର,୭ ।୭(ସମିସ)

ଦିଗପହଣ୍ଡି ବ୍ଲକ୍ ସହଦେବ ଟିକରପଡ଼ା ପଞ୍ଚାୟତ ଉସ୍ତପଲ୍ଲୀ ଗ୍ରାମରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ୭ଜଣ ଏମ୍‌କେସିଜି ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଡାକ୍ତରଖାନାର ସ୍ୱତନ୍ତ୍ର ଡାଇରିଆ ୱାର୍ଡରେ ସମସ୍ତ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ରବିବାର ଠାରୁ ୬ଜଣଙ୍କ ଚିକିତ୍ସା ଚାଲିଥଇବାବେଳେ ସୋମବାର ଉକ୍ତ ଗ୍ରାମର ଅନ୍ୟଜଣେ ଆକ୍ରାନ୍ତ ଗୋପାଳ ଜାନୀ ୱାର୍ଡରେ ଭର୍ତ୍ତି ହୋଇଛନ୍ତି । ସମସ୍ତ ଆକ୍ରାନ୍ତଙ୍କ ନିମନ୍ତେ ମେଡ଼ିକାଲ ପକ୍ଷରୁ ଆବଶ୍ୟକୀୟ ଚିକିତ୍ସା ଓ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି । ପୂର୍ବାପେକ୍ଷା ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଥିବା ଡାକ୍ତର କହିଛନ୍ତି । ଅନ୍ୟପକ୍ଷରେ ରବିବାର ଝାଡାବାନ୍ତିରେ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ସୋମବାର ପୁଣି ଜଣଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ପ୍ରକାଶ ରୋଇତ ଏବଂ ସେ ଉସ୍ତପଲ୍ଲୀ ଗ୍ରାମର ବୋଲି ଜଣାପଡିଛି । ଏମ୍‌କେସିଜି ମେଡ଼ିକାଲରେ ପ୍ରକାଶଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି । ଅନ୍ୟପକ୍ଷରେ ବ୍ରହ୍ମପୁର ସିଟି ହସ୍ପିଟାଲରେ ଝାଡ଼ାବାନ୍ତିରେ ଆକ୍ରାନ୍ତଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ୱାଡର୍ ରହିଛି । ସେହିପରି ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାର ବିଭିନ୍ନ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଝାଡାବାନ୍ତିରେ ଆକ୍ରାନ୍ତଙ୍କ ଉତ୍ତମ ଚିକିତ୍ସା ପ୍ରଦାନ କରିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏବଂ ଆବଶ୍ୟକ ଅନୁଯାୟୀ ଔଷଧ ଓ ଓଆର୍‌ଏସ୍ ଉପଲବ୍ଧ ରଖିବାକୁ କୁହାଯାଇଛି ।

## ସୁସ୍ଥ ହୋଇ ଫେରିଲେ ନବୀନ, ଶୁଭେଚ୍ଛା ଜଣାଇଲେ ନେତା

ବ୍ରହ୍ମପୁର,୭ ।୭(ସମିସ): ସୋମବାର ବିଜେଡି ସୁପ୍ରିମ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁସ୍ଥ ହୋଇ ଏକ ଘରୋଇ ମେଡ଼ିକାଲରୁ ଡ଼ିଜଚାର୍ଜ ହୋଇଛନ୍ତି । ତାଙ୍କ ଦୀର୍ଘ ଜୀବନ କାମନା କରିଥିବା ବିଜୁ ଜନତା ଦଳର ନେତା ଓ ସମର୍ଥକମାନେ ଶୁଭେଚ୍ଛା ଜଣାଇଛନ୍ତି । ନବୀନ ବାବୁଙ୍କ ନେତୃତ୍ୱରେ ଓଡ଼ିଶାକୁ ସୁସଂଗଠିତ କରାଯିବ ବୋଲି ନେତାମାନେ କହିଛନ୍ତି । ପୂର୍ବତନ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ପୂର୍ବତନ ବିଧାୟକ ଡ଼ାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇଙ୍କ ସମେତ ବହୁ ନେତା ଓ କର୍ମୀ ନବୀନ ବାବୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ପ୍ରଫେସର ଦୁର୍ଗାମାଧବ ଶତପଥୀ ଏମ୍‌କେସିଜିର ନୂଆ ଅଧୀକ୍ଷକ

ବ୍ରହ୍ମପୁର,୭ ।୭(ସମିସ): ଦକ୍ଷିଣ ଓଡ଼ିଶାର ପ୍ରମୁଖ ପ୍ରାଣକେନ୍ଦ୍ର ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ମିଳିଛି ନୂଆ ଅଧୀକ୍ଷକ । ଏଥିସହିତ ଏମକେସିଜି ମେଡ଼ିକାଲ କଲେଜର ସ୍ଥାୟୀ ଅଧ୍ୟକ୍ଷ ପଦବୀ ମଧ୍ୟ ପୂରଣ ହୋଇଛି । ସୂଚନା ପ୍ରକାରେ ଦୀର୍ଘ ଏକ ବର୍ଷରେ ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟଣ ବିଭାଗ ପକ୍ଷରୁ ଏମକେସିଜି ମେଡ଼ିକାଲ ଅଧ୍ୟକ୍ଷ ବା ଡିନ ଭାବେ ପ୍ରଫେସର ଡ଼ା. ସୁଚିତ୍ରା ଦାଶଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ଏମକେସିଜି ମେଡ଼ିକାଲ ଅଧୀକକ୍ଷ ଭାବେ କମ୍ୟୁନିଟ ମେଡିସିନ ବିଭାଗର ପ୍ରଫେସର ଡ଼ା. ଦୁର୍ଗାମାବ ଶତପଥୀଙ୍କୁ ଦାୟିତ୍ୱ ଦିଆଯାଇଛି । ପ୍ରଫେସର ଡ଼ା. ଶତପଥୀ ଖୁବଶୀଘ୍ର ଏମକେସିଜି ମେଡ଼ିକାଲର ଅଧୀକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି । ମେଡ଼ିକାଲର ଆଶୁ ଚିକିତ୍ସା ବିଭାଗ ସମେତ ବିଭିନ୍ନ ବିଭାଗର ରୋଗୀଙ୍କ ଚିକିତ୍ସାର ସମସ୍ୟାକୁ ସମାଧାନ କରାଯିବ ବୋଲି ନୂତନ ଅଧିକ୍ଷକ ମତବ୍ୟକ୍ତ କରିଛନ୍ତି । ଅରପପକ୍ଷେ ଏମକେସିଜି ମେଡ଼ିକାଲର ବିଭିନ୍ନ ବିଭାଗ ନିମନ୍ତେ ମୋଟ ୪୦ଟି ପ୍ରଫେସର ପଦବୀ ମଞ୍ଜୁର ହୋଇଥିବା ବେଳେ ଚଳିତବର୍ଷ ମାର୍ଚ୍ଚ ୧୭ତାରିଖ ସୁଦ୍ଧା ୩୩ଟି ପ୍ରଫେସର କାର୍ଯ୍ୟ କରୁଛନ୍ତି । ୭ଟି ପବଦୀ ଦୀର୍ଘ ମାସ ହେବ ଖାଲି ପଡ଼ିଛି । ଇତିମଧ୍ୟରେ ଏମକେସିଜି ମେଡ଼ିକାଲର ଜଣେ ପ୍ରଫେସରଙ୍କୁ ପୁଣି ପଦୋନ୍ନତି ଦେବା ସହ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ମେଡ଼ିକାଲର ନିଶ୍ଚେତକ ବିଭାଗର ପ୍ରଫେସର ଡ଼ା. ହରେକୃଷ୍ଣ ଦଳାଇଙ୍କୁ କୋରାପୁଟ ସ୍ଥିତ ଏସଏଲଏନ ମେଡ଼ିକାଲ କଲେଜ ଅଧ୍ୟକ୍ଷ ବା ଡିନ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ଫଳରେ ଏମକେସିଜି ମେଡ଼ିକାଲରେ ଖାଲିପଡ଼ିଥିବା ପ୍ରଫେସରଙ୍କ ସଂଖ୍ୟା ବୃଦ୍ଧି ପାଇଛି ।





● ପ୍ରଫେସର ସୁଚିତ୍ରା ଦାଶ ସ୍ଥାୟୀ ଅଧ୍ୟକ୍ଷା

## କର୍ମଚାରୀଙ୍କ ଅଗୋଚରରେ ଋଣ ଉଠାଣ, ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ କର୍ମଚାରୀ

ବ୍ରହ୍ମପୁର,୭ ।୭(ସମିସ): ଖଜୁରିଆ ସ୍ଥିତ 'ଫ୍ଲିପ୍‌କାର୍ଟ' କମ୍ପାନୀ ଶାଖାରେ କାର୍ଯ୍ୟରତ ୨୦ରୁ ଅଧିକ କମର୍ଚାରୀ ଠକେଇର ଶିକାର ହୋଇଥିବା ଅଭିଯୋଗ ହୋଇଛି । କର୍ମଚାରୀଙ୍କ ଅଗୋଚରରେ କମ୍ପାନୀ ଦ୍ୱାରା ସ୍ଥିରୀକୃତ ଏଜେନ୍ସି ସେମାନଙ୍କ ନାମରେ ଲକ୍ଷାଧିକ ଟଙ୍କା ଋଣ ଉଠାଇ ନେଇଥିବା ଅଭିଯୋଗ ହୋଇଛି । ଏପରିକି ଗତ କିଛିମାସ ଧରି କର୍ମଚାରୀଙ୍କୁ ସମ୍ପୃକ୍ତ ଏଜେନ୍ସି ଦରମା ପ୍ରଦାନ କରିନଥିବା ଅଭିଯୋଗ ହୋଇଛି । ଏଜେନ୍ସି ଜରିଆରେ ନିଯୋଜିତ ସୁପରଭାଇଜରଙ୍କ ଠାରୁ ୭୦ହଜାର ଓ ପ୍ରତ୍ୟେକ କର୍ମଚାରୀଙ୍କ ନାମରେ ୫୦ହଜାର ଟଙ୍କା ଲେଖାଏଁ ଏଜେନ୍ସି ଋଣ ଉଠାଇଥିବା ଜଣାପଡ଼ିଛି । ଏ ନେଇ କର୍ମଚାରୀମାନେ ଅବଗତ ହେବାପରେ ସୋମବାର ଠକେଇର ଶିକାର ହୋଇଥିବା ସମସ୍ତ କର୍ମଚାରୀ ବ୍ରହ୍ମପୁର ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ ।

ସୂଚନାଯୋଗ୍ୟ ଯେ, ଖଜୁରିଆ ଠାରେ ଥିବା ଫ୍ଲିପକାର୍ଟ ଗ୍ରୋସରୀ କମ୍ପାନୀର ହବ୍ ତଥା ଗୋଦାମରେ ବ୍ରହ୍ମପୁର ଓ ଗଞ୍ଜାମ ଜିଲ୍ଲାର ୨୫ରୁ ଅଧିକ ଯୁବକ କାର୍ଯ୍ୟରତ ଅଛନ୍ତି । ଏହି ଯୁବକମାନେ ଜେଭୋ ଇଲେକ୍ଟ୍ରିକ କମ୍ପାନୀ ଅଧୀନରେ ନିଯୁକ୍ତ ହୋଇଥିଲେ । ସମସ୍ତେ ଜେଭୋ କମ୍ପାନୀ ଦ୍ୱାରା ପ୍ରଦତ୍ତ ବ୍ୟାଟେରୀ ଗାଡ଼ିରେ ଫ୍ଲିପକାର୍ଟ ଗ୍ରୋସରୀ ଭର୍ତ୍ତି କରି ଅର୍ଡର ଅନୁଯାୟୀ ଗ୍ରାହକଙ୍କୁ ସାମଗ୍ରୀ ପହଞ୍ଚାଉଥିଲେ । ପୂର୍ବରୁ ଜେଭୋ କମ୍ପାନୀ ପକ୍ଷରୁ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦରମା ଆସୁଥିଲା । ଡେଲିଭେରୀ ବଏ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ମାସିକ ୧୫ହଜାର ଟଙ୍କା ଦରମା ମିଳୁଥିବା ବେଳେ ସୁପରଭାଇଜରଙ୍କୁ ୨୭ହଜାର ଟଙ୍କା ଦରମା ମିଳୁଥିଲା । ତେବେ ୫ମାସ ପୂର୍ବେ ଜେଭୋ କମ୍ପାନୀ ପକ୍ଷରୁ ସମସ୍ତ କର୍ମଚାରୀଙ୍କୁ କରମା ଲାଇଫ ନାମକ ଏକ କମ୍ପାନୀର ମୋବାଇଲ ଆପ୍ଲିକେସନ ଡାଉନଲୋଡ କରିବାକୁ କୁହାଯିବା ସହ ସେହି ଆପ ଜରିଆରେ ଦରମା ଉପଲବ୍ଧ ହେବ ବୋଲି କୁହାଯାଇଥିଲା । ସେହିକ୍ରମରେ କର୍ମଚାରୀମାନେ କରମା ଲାଇପ ଆପ୍ ଡାଉନଲୋଡ କରି ସେଥିରେ ନିଜର ଅଧାକାର କାର୍ଡ, ପାନକାର୍ଡ ଓ ବ୍ୟାଙ୍କ ଆକାଉଣ୍ଟ ଆଦି ସମ୍ପର୍କିତ ତଥ୍ୟ ଦାଖଲ କରି କେୱାଇସି ପ୍ରଦାନ କରିଥିଲେ । ସେହିପରି ଉକ୍ତ ଆପ ଜରିଆରେ ସମସ୍ତ କର୍ମଚାରୀଙ୍କ ଜୀବନ ବୀମା କରାଯିବ ବୋଲି ମଧ୍ୟ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା । ପରେ ୨ମାସ ପର୍ଯ୍ୟନ୍ତ ଉକ୍ତ ଆପ୍ ଜରିଆରେ କର୍ମଚାରୀଙ୍କୁ ଦରମା ପ୍ରଦାନ କରାଯାଇଥିଲା । କିନ୍ତୁ ପରେ ସମସ୍ତ କର୍ମଚାରୀଙ୍କ ନାମରେ ଋଣ ଉଠାଣ ହୋଇଥିବା ନେଇ ସେମାନଙ୍କ ନିକଟକୁ ମେସେଜ ଆସିଥିଲା ।



**ଫ୍ଲିପକାର୍ଟ କମ୍ପାନୀ କର୍ତ୍ତୃପକ୍ଷଙ୍କ ନାମରେ ସାଇବର ଥାନାରେ ହେବ ମାମଲା : ଏସ୍‌ପି**

କମ୍ପାନୀର ସୁପରଭାଇଜର ଭାବେ କାର୍ଯ୍ୟରତ ଶ୍ରୀରାମନଗର ନିକଟ ଜଗନ୍ନାଥବିହାରର ଶୁଭମ ଦାସଙ୍କ ନାମରେ ୭୫ ହଜାର ଟଙ୍କା ଋଣ ଉଠାଣ ହୋଇଥିବା ବେଳେ ଅନ୍ୟ କର୍ମଚାରୀଙ୍କ ନାମରେ ୫୦ହଜାର ଲେଖାଏଁ ଋଣ ଉଠାଣ ହୋଇଥିବା ଜଣାପଡିଥିଲା । ଏପରିକି ସେହି ଋଣର ମାସିକ କିସ୍ତି ପଇଠ କରିବାକୁ ମଧ୍ୟ କୁହାଯାଇଥିଲା । ତେବେ କର୍ମଚାରୀମାନେ ନିଜ ପକ୍ଷରୁ କୌଣସି ପ୍ରକାର ଋଣ ନେଇନଥିବା ବେଳେ କିସ୍ତି କାହିଁକି ପରିଶୋଧ କରିବେ ସେନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଥିଲେ । ପରେ କମ୍ପାନୀ ପକ୍ଷରୁ ସମସ୍ତ ଋଣ ଖୁବଶୀଘ୍ର ପରିଶୋଧ କରିଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ତେବେ ଏକାଧିକ ମାସପରେ ମଧ୍ୟ ଋଣ ପରିଶୋଧ ହୋଇନଥିବା ବେଳେ କିସ୍ତି ପରିଶୋଧ କରୁନଥିବା ଦର୍ଶାଇ କର୍ମଚାରୀଙ୍କ ଦରମା ପ୍ରଦାନ କରାଯାଇନଥିଲା । ଇତି ମଧ୍ୟରେ ଋଣ ଉଠାଇଥିବା କମ୍ପାନୀ ବନ୍ଦ ହୋଇଯାଇଥିବା କର୍ମଚାରୀଙ୍କୁ କୁହାଯାଉଛି । ଫଳରେ ସେମାନଙ୍କ ନାଁରେ ନିଆଯାଇଥିବା ଋଣ କିଏ ପରିଶୋଧ କରିବ ତାକୁ ନେଇ ଉଠିଛି ପ୍ରଶ୍ନ । ଠକେଇର ଶିକାର ହୋଇଥିବା ଜାଣିବା ପରେ ଆଇନଜୀବୀ ପ୍ରଦୀପ ବେହେରାଙ୍କ ସହ ସୁପରଭାଇଜର ଶୁଭମଙ୍କ ନେତୃତ୍ୱରେ ଆଜି ୨୫ରୁ ଅଧିକ କର୍ମଚାରୀ ବ୍ରହ୍ମପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ । କର୍ମଚାରୀଙ୍କ ଅଭିଯୋଗ ଶୁଣିବା ପରେ ସଂପୃକ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କ ନାମରେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ସାଇବର ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ହେବ ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ କହିଛନ୍ତି ।

# ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟାକୁ ନେଇ ଦ୍ୱନ୍ଦ୍ୱରେ ପୁଲିସ

ବ୍ରହ୍ମପୁର,୭ ।୭(ସମିସ): ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଥମେ ପାକିସ୍ତାନୀ ଓ ପରେ ବାଂଲାଦେଶୀ ନାଗରିକଙ୍କୁ ଚିହ୍ନଟ କରି ଦେଶାନ୍ତର କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପାକିସ୍ତାନୀ ନାଗରିକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ସେମାନଙ୍କ ମୂଳ ଦେଶ ପାକିସ୍ତାନକୁ ପଠାଇବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ପରବର୍ତ୍ତୀ ସମୟରେ ରାଜ୍ୟରେ ବେନିୟମ ଭାବେ ଅନୁପ୍ରବେଶ କରି ବସବାସ କରୁଥିବା ବାଂଲାଦେଶୀଙ୍କ ବିରୋଧରେ ମଧ୍ୟ ଅନୁରୂପ ଅଭିଯାନ ଆରମ୍ଭ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏସ୍‌ଟିଏଫ୍‌କୁ ଏହି ଅଭିଯାନର ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ପରେ ଏସ୍‌ଟିଏଫ୍ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲା ପ୍ରଶାସନକୁ ନିଜ ନିଜ ଅଞ୍ଚଳରେ ଥିବା ବାଂଲାଦେଶୀଙ୍କୁ ଚିହ୍ନଟ କରି ସେମାନଙ୍କର ପ୍ରମାଣପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା । ତେବେ ବର୍ତ୍ତମାନ ପରିସ୍ଥିତିରେ ବାଂଲାଦେଶୀଙ୍କୁ ଚିହ୍ନଟ କରିବାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଛି ଉଭୟ ପୁଲିସ ଓ ଜିଲ୍ଲା ପ୍ରଶାସନ । ପ୍ରକ୍ରିୟା ଆରମ୍ଭ ପରେ ହଠାତ୍ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ 'ରୋଜଗାର ଅନ୍ୱେଷଣରେ ଓଡ଼ିଶାରେ ବସବାସ କରୁଥିବା ନିରୀହ ଲୋକଙ୍କୁ ଅଯଥାରେ ହଇରାଣ ନକରିବାକୁ ଅନୁରୋଧ କରି ଚିଠି ଆସିଥିଲା । ଯାହା ରାଜ୍ୟ ସରକାରଙ୍କ ଏହି ବାଙ୍ଗଲାଦେଶୀ ଚିହ୍ନଟ ଅଭିଯାନକୁ ଏକ ରକମର ସ୍ଥାଣୁ କରିଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି କ୍ରମରେ ବ୍ରହ୍ମପୁର ସହରରେ କେବଳ ୧୫ଜଣ ମହିଳାଙ୍କ ସମେତ ମୋଟ ୪୫ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିବା ଜଣାପଡ଼ିଛି । ଚିହ୍ନଟ ବ୍ୟକ୍ତିଙ୍କ ଆଧାର ପରିଚୟ ପତ୍ର ଓ ଭୋଟରଯ କାର୍ଡକୁ ଯାଞ୍ଚ ପାଇଁ ପଠାଯାଇଛି । ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଚିହ୍ନଟ ବ୍ୟକ୍ତିଙ୍କ ମଧ୍ୟରୁ ଅଧିକାଂଶ ନିଜକୁ ଭାରତୀୟ ଏବଂ ପଶ୍ଚିମବଙ୍ଗ ରାଜ୍ୟର ବୋଲି ଦାବି କରୁଛନ୍ତି ।

ଯାଞ୍ଚ ପାଇଁ ପଠାଯାଇଥିବା ପ୍ରମାଣପତ୍ର ମଧ୍ୟ ସଠିକ ଥିବା ନେଇ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ଉତ୍ତର ମିଳୁଛି । ଏଭଳି ସ୍ଥିତିରେ ରାଜ୍ୟର ବିଭିନ୍ନ ଜିଲ୍ଲାର ଉଭୟ ସାଧାରଣ ପ୍ରଶାସନ ଓ ପୁଲିସ ପାଇଁ ଏହି ଅଭିଯାନକୁ ଆଗକୁ ନେବାରେ ବାଧା ସୃଷ୍ଟି କରିଛି । ସେପଟେ କିନ୍ତୁ ପଶ୍ଚିମବଙ୍ଗରେ ବହୁ ସଂଖ୍ୟକ ବାଂଲାଦେଶୀ ଅନୁପ୍ରବେଶକାରୀ ରହିଥିବା ଅଭିଯୋଗ ହେଉଥିବା ବେଳେ ସେମାନଙ୍କୁ ସେଠାକାର ରାଜ୍ୟ ସରକାର ପରିଚୟ ପତ୍ର ପ୍ରଦାନ କରିଥିବା ନେଇ ଅଭିଯୋଗ ହୋଇଆସିଛି । ଏଣୁ ଓଡ଼ିଶାରେ ବର୍ଷ ବର୍ଷ ଧରି ବସବାସ କରୁଥିବା ବ୍ୟକ୍ତିବିଶେଷ ବଙ୍ଗୀୟ ଅଥବା ବାଂଲାଦେଶୀ ତାହା ଜାଣିବା କଷ୍ଟକର ହୋଇପଡିଛି । ଏଣୁ ବର୍ତ୍ତମାନ ପରିସ୍ଥିତିରେ ପୁଲିସ ସମସ୍ତଙ୍କୁ ଚିହ୍ନଟ କରି ସେମାନଙ୍କ ପ୍ରମାଣପତ୍ର ଯାଞ୍ଚ ପାଇଁ ପଠାଇବା ସହ ସେମାନେ ରହୁଥିବା ଗୃହ ମାଲିକଙ୍କୁ ସେମାନଙ୍କ ଉପରେ ନଜର ରଖିବା ଓ ସେମାନଙ୍କ ପରିଚୟ ପତ୍ରକୁ ସ୍ଥାନୀୟ ଥାନାରେ ଦାଖଲ କରିବାକୁ ପରାମର୍ଶ ଦିଆଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ କହିଛନ୍ତି । ତେବେ ଏହି ଅଭିଯାନ ଆଗକୁ ମଧ୍ୟ ଜାରି ରହିବ ଓ ଏଥିରେ ଅଞ୍ଚଳବାସୀଙ୍କର ସହଯୋଗ ଆବଶ୍ୟକ ବୋଲି ସେ କହିଛନ୍ତି ।



● ଏସ୍‌ଟିଏଫ୍‌ର ପଦକ୍ଷେପକୁ ଅପେକ୍ଷା
● ନିରୀହଙ୍କୁ ହଇରାଣ ନକରିବାକୁ ପଶ୍ଚିମବଙ୍ଗ ସରକାରଙ୍କ ଚିଠି ପରେ ବଢ଼ିଛି ଚିନ୍ତା
● ମୋଟ ୪୫ ଚିହ୍ନଟ, ଯାଞ୍ଚ ପ୍ରକ୍ରିୟା ଜାରି : ଏସ୍‌ପି

## ଚୋରି ଅଭିଯୋଗରେ ସନ୍ଦିଗ୍ଧ ଯୁବକ ଅଟକ

ବ୍ରହ୍ମପୁର,୭ ।୭(ସମିସ): ରବିବାର ବିଳମ୍ବିତ ରାତିରେ ଏମ୍‌କେସିଜି ହସ୍‌ପିଟାଲ ମେଡିସିନ୍ ୱାର୍ଡ ପରିସରରେ ଜଣେ ଯୁବକ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିଲେ । ହସ୍ପିଟାଲ କର୍ମଚାରୀ ତାଙ୍କୁ ଡାକିବାରୁ ସେ ଲିଫ୍ଟ ଡେଇଁ ପଳାଇଯିବାକୁ ଚେଷ୍ଟା କରିଥିଲେ । ଫଳରେ ଚୋରି କରିବାକୁ ଆସିଥିବା ସନ୍ଦେହ କରି ଯୁବକଙ୍କୁ ଆଟେଡାଣ୍ଟ ଓ ସୁରକ୍ଷା କର୍ମୀ କାବୁ କରିଥିଲେ । ଏହା ସହ ଯୁବକଙ୍କୁ ବାନ୍ଧି ରଖୁଥିଲେ । ବୈଦ୍ୟନାଥପୁର ପୁଲିସକୁ ଖବର ଦେବା ସହ ଯୁବକଙ୍କୁ ହସ୍ତାନ୍ତର କରିଥିଲେ । ଏହାର ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଥିବା ଦେଖିବାକୁ ମିଳୁଛି ।

### ଶିକ୍ଷକ ଅଭାବ, ଶୁଣୁନାହାନ୍ତି ବିଭାଗୀୟ ଅଧିକାରୀ

# ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

କାଶୀନଗର, ୭।୭ (ସମିସ)

ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅଲଡା ପଞ୍ଚାୟତ ଲେଙ୍ଗତାଗୁଡ଼ା ଗ୍ରାମବାସୀ ସୋମବାର ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇ ଶିକ୍ଷକ ଅଭାବ ବିରୋଧରେ ପ୍ରତିବାଦ କରିଥିଲେ। ବିଦ୍ୟାଳୟରେ ୧୨୩ ଜଣ ଆଦିବାସୀ ଓ ଦଳିତ ବର୍ଗର ଛାତ୍ରଛାତ୍ରୀ ପଢୁଥିବା ବେଳେ ମାତ୍ର ୨ ଜଣ ଶିକ୍ଷକ ଅଛନ୍ତି। ପି. ଚିଟିବାବୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଉଥିବା ଯୋଗୁଁ ତାଙ୍କୁ ଅଫିସ କାର୍ଯ୍ୟ ସହ ଅନ୍ୟ ଅନେକ କାର୍ଯ୍ୟ କରିବାକୁ ପଡୁଛି। ସହକାରୀ ଶିକ୍ଷକ ବିନୋଦ କୁମାର ପାଟିକା ବିଏଲ୍‌ଓ ଦାୟିତ୍ୱରେ ଅଛନ୍ତି। ଏହି କାରଣରୁ ବିଦ୍ୟାଳୟରେ ଆଶାନୁରୂପକ ପାଠପଢ଼ା ହୋଇପାରୁନି। ଛାତ୍ର ଜନ୍ ସିଂ ଓ ଆୟୁଷ ବିଡ଼ିକାଙ୍କ କହିବା ଅନୁଯାୟୀ ଇଂଲିଶ୍ ଓ ସାହିତ୍ୟ ପଢ଼ା ଠିକ ଭାବେ ହୋଇପାରୁନି। ଅନ୍ୟ ବିଷୟଗୁଡିକ ସେମାନେ ପଢ଼ି ପାରୁନାହାନ୍ତି। ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ସୁକାନ୍ତି ଶବର, ସମିତିସଭ୍ୟା ପାର୍ବତୀ ଶବର, ବିଦ୍ୟାଳୟ ପରିଚାଳନା କମିଟି ଉପାଧକ୍ଷା



କବିତା ବିଡିକା ଓ ଗ୍ରାମବାସୀ ବିଶାଳ ଶବର ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ବିଦ୍ୟାଳୟ ପାଇଁ ଆଉ ୩ ଜଣ ଶିକ୍ଷକ ନିଯୁକ୍ତ ସକାଶେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିବେଳେ ଅନୁରୋଧ କରିଥିଲେ। କିନ୍ତୁ ସେଥିରୁ ଏଯାଏଁ କିଛି ସୁଫଳ ମିଳିନାହିଁ। କାଶୀନଗର ବିଇଓ ଦାୟିତ୍ୱରେ ଥିବା ଏସ. ଗିରିଧାରୀଙ୍କୁ ଶିକ୍ଷକ ଅଭାବ ସମ୍ପର୍କରେ ଅବଗତ କରାଯାଇଥିଲା। ହେଲେ ସେ ସ୍ଥାନୀୟ ବିଧାୟକ, ସାଂସଦଙ୍କ ପାଖକୁ ଯାଇ ଗୁହାରି ଜଣାଇବାକୁ ବେପରୁଆ ଭାବେ ପରାମର୍ଶ ଦେଇଥିଲେ। ଏହି ବିଷୟ ନେଇ ବିଇଓଙ୍କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ସେ ଫୋନ୍ ରିସିଭ କରିନଥିଲେ। ଏବିଇଓ ନର୍ମଦା ଦାଶ ଓ ସିଆର୍‌ସିସି ମାଗତା ଶବରଙ୍କୁ ଜଣାଇବା ପରେ ବି ଏଯାଏଁ କୌଣସି ପଦକ୍ଷେପ ନିଆଯାଇନାହିଁ। ସବୁ ଦିଗରୁ ବିଫଳ ହେବା ପରେ କ୍ଷୁବ୍ଧ ଗ୍ରାମବାସୀ ବାଧ ହୋଇ ବିଦ୍ୟାଳୟରେ ତାଲା ପକାଇଛନ୍ତି। ଶିକ୍ଷକ ଅଭାବ ପୂରଣ ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଗ୍ରାମବାସୀ କହିଛନ୍ତି। କୌଣସି ଶିକ୍ଷା ବିଭାଗୀୟ ଉଚ୍ଚ ଅଧିକାରୀ ଖବର ଲେଖା ହେବା ପର୍ଯ୍ୟନ୍ତ ଗ୍ରାମରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରି ନଥିବା ଜଣାପଡ଼ିଛି। କେବଳ ସିଆର୍‌ସିସି ପହଞ୍ଚି ୭ ଦିନ ଭିତରେ ଶିକ୍ଷକ ଅଭାବ ଦୂର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ବି ତାହା ଗ୍ରାମବାସୀଙ୍କୁ ସନ୍ତୁଷ୍ଟ କରିପାରିନାହିଁ। ଖୁବ୍ ଶୀଘ୍ର ଦାବି ପୂରଣ ନହେଲେ ଆନ୍ଦୋଳନକୁ ଜୋରଦାର କରି ପ୍ରଶାସନର କୁମ୍ଭକର୍ଣ୍ଣ ନିଦ ଭାଙ୍ଗିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେମାନେ କହିଛନ୍ତି। କୋମଳମତି ଦଳିତ ଆଦିବାସୀ ବର୍ଗର ଛାତ୍ରଛାତ୍ରୀଙ୍କ ଶିକ୍ଷା ପ୍ରତି ସମ୍ପୃକ୍ତ ପ୍ରଶାସନର ଅବହେଳା ଗ୍ରହଣୀୟ ନୁହେଁ ବୋଲି କୁହାଯାଇଛି।

## ଖୋଲିଲା ଚାରା ବିତରଣ କେନ୍ଦ୍ର

ଜି.ଉଦୟଗିରି, ୭।୭ (ସମିସ): ଆରମ୍ଭ ହୋଇଛି ବନ ମହୋତ୍ସବ ସପ୍ତାହ। ଏଥିପାଇଁ ସାରା ରାଜ୍ୟରେ ଚାରାବଣ୍ଟନ ସାଙ୍ଗକୁ ଚାରାରୋପଣ କାର୍ଯ୍ୟକ୍ରମ ଜୋରସୋରରେ ଚାଲିଥିବା ବେଳେ ଏହି କ୍ରମରେ ଜି. ଉଦୟଗିରି ବନାଞ୍ଚଳ ତରଫରୁ କାର୍ଯ୍ୟାଳୟ ସମ୍ମୁଖରେ ଚାରାବିତରଣ କେନ୍ଦ୍ର ଖୋଲାଯାଇଛି। ଏସିଏଫ କାଜଲ କୁମାରୀ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଚାରା ବିତରଣ କେନ୍ଦ୍ରରେ ଚାରା ଗୋଟା ପ୍ରତି ଏକ ଟଙ୍କାରେ ବିକ୍ରି କରାଯାଉଥିବା ବେଳେ ଅଁଳା, ପିଜୁଳି, ଆମ୍ବ, ପଣସ, ଜାମୁ, ଆତ, ଚାରା ଏଥିରେ ରହିଛି। କେନ୍ଦ୍ରକୁ ବିଭାଗ ତରଫରୁ ପ୍ରଶାନ୍ତ କୁମାର ସାହୁ, ମନୋଜ ମହାପାତ୍ରଙ୍କ ସହିତ ସମସ୍ତ ବନକର୍ମଚାରୀ ପରିଚାଳନା କରିଥିଲେ।




## ଦଙ୍ଗାଏଜୁ ଆଶ୍ରମ ବିଦ୍ୟାଳୟରେ ବନ ମହୋତ୍ସବ



ଜି.ଉଦୟଗିରି, ୭।୭ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବନାଞ୍ଚଳ ଦଙ୍ଗାଏଜୁ ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜନାଦେଇ ପ୍ରଧାନଙ୍କ ନେତୃତ୍ୱରେ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରକୃତିପ୍ରେମୀ ତନୁରେଖା ନାୟକ, ଜି.ଉଦୟଗିରି ବନପାଳ ପ୍ରଶାନ୍ତ ସାହୁ, ବନରକ୍ଷୀ ମନୋଜ କୁମାର ମହାପାତ୍ର, ପାହାଡ଼ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିତ୍ୟାନନ୍ଦ ବେହେରା ଯୋଗ ଦେଇଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ ଯଶୋବନ୍ତ ପ୍ରଧାନ, ମେରସି ଇଭାଞ୍ଜିଲିନି ବେହେରା ସମସ୍ତ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ମିଳିତ ଭାବେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରାରୋପଣ କରିଥିଲେ। ପରେ ସଭା ଆୟୋଜନ କରାଯାଇ ପିଲାଙ୍କ ମାଧ୍ୟରେ ଚିତ୍ରାଙ୍କନ, ସଙ୍ଗୀତ, କୁଇଜି ଆଦି ପ୍ରତିଯୋଗିତା କରାଯାଇଥିଲା। ସମସ୍ତ ଅତିଥି ବୃକ୍ଷର ଉପକାରିତା ବିଷୟରେ ଧାରଣା ଦେବା ସହ ଏକକ ପ୍ଲାଷ୍ଟିକ ବ୍ୟବହାରର କୁ ପରିଣାମ ବିଷୟରେ କହିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ସମାଜସେବୀ ଜମ୍ବେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଗାଈ, ବାଛୁରୀ ମୃତ

ମୋହନା, ୭।୭ (ସମିସ): ରାସ୍ତା ଉପରେ ଶୋଇଥିବା ବେଳେ ଗାଈପଲ ଉପରେ ଚଢ଼ିଗଲା ଅଜଣା ଗାଡ଼ି। ଏଥିରେ ଘଟଣା ସ୍ଥଳରେ ଗୋଟିଏ ଗାଈ ଓ ଗୋଟିଏ ବାଛୁରୀର ମୃତ୍ୟୁ ଘଟିଛି। ଆଉ ଗୋଟିଏ ଗାଈ ଓ ୩ ବାଛୁରୀ ଗୁରୁତର ଆହତ ହୋଇଛନ୍ତି। ଏଭଳି ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ଥାନା କଣ୍ଡେଇକୋଳି ନିକଟରେ। ଖବର ପାଇ ମୋହନା ପ୍ରାଣୀ ଚିକିତ୍ସାଧିକାରୀ ଡା. ବୀରେନ୍ଦ୍ର ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଆହତ ଗାଈ, ବାଛୁରୀଙ୍କ ଚିକିତ୍ସା କରିଛନ୍ତି। ସୋମବାର ଭୋରରେ ୩୨୬ ନମ୍ବର ଜାତୀୟ ରାଜପଥ କଣ୍ଡେଇକୋଳି ନିକଟରେ ଦୁଇଟି ଗାଈ, ୫ ବାଛୁରୀ ଶୋଇଥିବା ବେଳେ କୌଣସି ଏକ ଗାଡ଼ି ଚାପି ଦେଇ ଚାଲିଯାଇଥିଲା। ସକାଳେ ରାସ୍ତା ଉପରେ ଗୋଟିଏ ଗାଈ, ଗୋଟିଏ ବାଛୁରୀର ମୃତଦେହ ପଡ଼ିବା ସହ ୫ଟି ଗାଈ ବାଛୁରୀ ଆହତ ହୋଇଥିବା ଗାଁ ଲୋକେ ଦେଖି ସ୍ଥାନୀୟ ପ୍ରାଣୀ ଚିକିତ୍ସା ବିଭାଗକୁ ଖବର ଦେଇଥିଲେ। ମୋହନା ପ୍ରାଣୀ ଚିକିତ୍ସାଧିକାରୀ ଓ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଗୁରୁତର ଆହତ ଗାଈଙ୍କ ଚିକିତ୍ସା କରିଛନ୍ତି। ଏଥିସହ ମୃତ ଗାଈ ବାଛୁରୀଙ୍କ ବ୍ୟବଚ୍ଛେଦ କରିଛନ୍ତି। ମୋହନା ପୁଲିସ ଘଟଣାର ତଦନ୍ତ କରୁଥିବାବେଳେ ସରକାରଙ୍କ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରାଣୀ ଚିକିତ୍ସାଧିକାରୀ କହିଛନ୍ତି।

## ଲଗାଣ ବର୍ଷାରେ ଭାଙ୍ଗିଲା ଅନାଥ ଭାଇଭଉଣୀଙ୍କ ଘର

ବାଲିଗୁଡ଼ା, ୭।୭ (ସମିସ): କନ୍ଧମାଳ ଜିଲ୍ଲାରେ ପନ୍ଦର ଦିନ ହେବ ଲଗାଣ ବର୍ଷା ଯୋଗୁଁ ବେହାଲ୍ ହୋଇପଡ଼ିଛି ବାଲିଗୁଡ଼ା। ଏହି ବର୍ଷା ଯୋଗୁଁ ଏକ ଅନାଥ ପରିବାରର ଘର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଛି। ବାଲିଗୁଡ଼ା ବ୍ଲକ କୁଟୀକିଆ ପଞ୍ଚାୟତ ତେମାଙ୍ଗୀ ଗ୍ରାମରେ ଏଭଳି ଘଟଣା ଘଟିଛି। ଏହି ଗ୍ରାମରେ ତିନି ଭାଇ ଭଉଣୀ ଦେବକୀ ମଲ୍ଲିକ, ସଙ୍ଗୀତ ମଲ୍ଲିକ ଓ ଚଞ୍ଚନା ମଲ୍ଲିକ ବସବାସ କରୁଛନ୍ତି। ଦୀର୍ଘ ବର୍ଷ ହେବ ବାପା ଓ ମା ଆରପାରିକୁ ଚାଲିଯାଇଛନ୍ତି। ବଡ଼ ଭଉଣୀ ଦେବକୀ ମଲ୍ଲିକ ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାଉଛନ୍ତି। ବହୁ କଷ୍ଟରେ ସାନ ଭାଇ ସଙ୍ଗୀତ ମଲ୍ଲିକକୁ ମାଟ୍ରିକ ପର୍ଯ୍ୟନ୍ତ ପାଠ ପଢ଼ାଇ ପାରିଛନ୍ତି ଦେବକୀ। କିନ୍ତୁ ଦଇବ ସାହା ନହୋଇ ପନ୍ଦର ଦିନ ଲଗାଣ ବର୍ଷାରେ ମୁଣ୍ଡ ଲୁଚାଇବାକୁ ଯେଉଁ ଘର ଖଣ୍ଡିଏ ଥିଲା ତାହା ବି ନଷ୍ଟ ହୋଇଯାଇଛି। ସଙ୍ଗେ ସଙ୍ଗେ ଘର ତିଆରି କରିବାକୁ ଅର୍ଥ ନଥିବା ହେତୁ ମୁଣ୍ଡ ଗୁଞ୍ଜିବାକୁ ସମ୍ପର୍କୀୟ ସର୍ବେଶ୍ୱର ମଲ୍ଲିକଙ୍କ ଘରେ ରହୁଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ଏହି ଗ୍ରାମରେ ପଡ଼ି ନଥିବା ଅଞ୍ଚଳବାସୀ କହିଥିବା ବେଳେ କିଛି ସରକାରୀ ସହାୟତାକୁ ଅନେଇ ବସିଛନ୍ତି ନିରୀହ ୩ ଭାଇ ଭଉଣୀ। ତୁରନ୍ତ ସେମାନଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଚାକିରି ଆଳରେ ଲକ୍ଷାଧିକ ଟଙ୍କା ଠକେଇ

## ଆଉଟ୍‌ସୋର୍ସିଂ ମହିଳା ନର୍ସିଂ ଅଫିସରଙ୍କ ନାଁରେ ଏତଲା

ଫିରିଙ୍ଗିଆ, ୭।୭ (ସମିସ): ସରକାରୀ ସଂସ୍ଥାରେ ସ୍ଥାୟୀ ଚାକିରି ଦେବାକୁ କହି ଏକ ଆଉଟସୋର୍ସିଂ ସଂସ୍ଥା ଦ୍ୱାରା ନିଯୁକ୍ତି ପାଇଥିବା ଜଣେ ନର୍ସିଂ ଅଫିସର ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଫିରିଙ୍ଗିଆ ଥାନାରେ ଏତଲା ହୋଇଛି। ସମ୍ପୃକ୍ତ ନର୍ସିଂ ଅଫିସର ଯେଉଁ ମହିଳାଙ୍କ ଜରିଆରେ ଟଙ୍କା ନେଇଛନ୍ତି ସେହି ମହିଳା ଥାନାରେ ଏତଲା ଦେଇଛନ୍ତି। ଲକ୍ଷାଧିକ ଟଙ୍କା ଠକି ନେଇଥିବା ନର୍ସିଂ ଅଫିସର ଜଣକ ହେଲେ ଦେବସ୍ମିତା ଦେବୀ ମୁଖୀ। ସେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଝାଡ଼ାବାନ୍ତି (ଡାଇରିଆ) ୱାର୍ଡରେ ନର୍ସିଂ ଅଫିସର ଭାବେ କାମ କରୁଛନ୍ତି। ଦେବସ୍ମିତା ଫିରିଙ୍ଗିଆ ବ୍ଲକ ତଳ ଦଣ୍ଡିକିଆ ପଞ୍ଚାୟତ ପାଞ୍ଚାପଦର ଗାଁର ୪୯ ଜଣ ଯୁବକଯୁବତୀଙ୍କୁ



ଚାକିରି କରାଇ ଦେବାକୁ କହି ୧୧ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଛନ୍ତି। ଗାଁର ଜଣେ ମହିଳା ଜାନକୀ କହଁରଙ୍କୁ ପ୍ରଥମେ ଦେବସ୍ମିତା ପ୍ରଲୋଭିତ କରିଥିଲେ। ଗ୍ରାମରେ ଦେବସ୍ମିତାଙ୍କ ସଙ୍ଗାତଙ୍କ ଭଉଣୀ ଘର। ଏହି ସମ୍ପର୍କ ଧରି ଦେବସ୍ମିତା ଗ୍ରାମକୁ ଆସି ଜାନକୀଙ୍କ ସହ ସମ୍ପର୍କ ସୃଷ୍ଟି କରିଥିଲେ। ବାରମ୍ବାର ଗ୍ରାମକୁ ଆସି ଅଞ୍ଚଳର ଶିକ୍ଷିତ ପିଲାଙ୍କୁ ଚାକିରୀ କରାଇ ଦେବାକୁ ଲୋଭ ଦେଖାଇଥିଲେ। ପ୍ରଥମେ ସ୍ୱାମୀଙ୍କୁ ଚାକିରି ପାଇଁ ଜାନକୀ ସମସ୍ତ ଆବଶ୍ୟକ ପ୍ରମାଣପତ୍ର ସହ ୨୦ ହଜାର ଟଙ୍କା ଦେଇଥିଲେ। ଏହାପରେ ଅନ୍ୟମାନଙ୍କୁ ଚାକିରି ଦେବା ଆଳରେ ୩୦ ହଜାର ଲେଖାଏଁ ଟଙ୍କା ମାଗିଥିଲେ। ୪୯ ଜଣ ପିଲାଙ୍କ ପାଖରୁ ୨୦ରୁ ୩୦ ହଜାର ଲେଖାଏଁ ଟଙ୍କା ସଂଗ୍ରହ କରି ଜାନକୀ ଦେଇଛନ୍ତି। ପାଖାପାଖି ୧୧ ଲକ୍ଷ ୭୦ ହଜାର ଟଙ୍କା ଦେବସ୍ମିତା ଏ ବାବଦରେ ନେଇଛନ୍ତି। ଯାହାର ପ୍ରମାଣ ରହିଛି ବୋଲି ଜାନକୀ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ଚାକିରୀ ଦେଉ ନଥିବା କିମ୍ବା ବାରମ୍ବାର ଫୋନ କଲେ ଉଠାଉ ନଥିବାରୁ ଶେଷରେ ଥାନାରେ ଏତଲା ଦେଇଛନ୍ତି ଜାନକୀ।

ସୂଚନାଯୋଗ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଉଟସୋର୍ସିଂ ଜରିଆରେ ନିଯୁକ୍ତି ଦେବାକୁ ଏଲଆଣ୍ଡକେ ନାମକ ଏକ ସଂସ୍ଥା ଟେଣ୍ଡର ପାଇଛି। ଏହି ସଂସ୍ଥା ଜଣେ ମହିଳା ନର୍ସିଂଅଫିସର ଭାବେ ଦେବସ୍ମିତାଙ୍କୁ ନିଯୁକ୍ତି ଦେଇଛି। ୬ ମାସ ହେବ ଦେବସ୍ମିତା ମଧ୍ୟସ୍ଥ ଜାନକୀଙ୍କ ଜରିଆରେ ଫିରିଙ୍ଗିଆ, ଗୋଛାପଡ଼ା ଥାନା ଅଞ୍ଚଳର ପ୍ରାୟ ୪୯ ଜଣ ଯୁବକଯୁବତୀଙ୍କ ପାଖରୁ ମେଡିକାଲ କଲେଜରେ ଆଟେଣ୍ଡାଣ୍ଟ ଚାକିରି କରାଇ ଦେବି କହି ପ୍ରଥମ ପର୍ଯ୍ୟାୟରେ ୨୦ରୁ ୩୦ ହଜାର ଲେଖାଏଁ ଟଙ୍କା ନେଇଛନ୍ତି। ଚାକିରି ହେଲେ ଆଉ ଲକ୍ଷେ ୭୦ ହଜାର ଦେବାକୁ ଦେବସ୍ମିତା କହିଥିଲେ। ଆଟେଣ୍ଡାଣ୍ଟ ଚାକିରି ପାଇଁ ଜଣଙ୍କ ପିଛା ୨ ଲକ୍ଷ ଟଙ୍କା ଦାବି କରିଥିଲେ। ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଚାକିରି ନ ହେବାରୁ ଆଶାୟୀ ଯୁବକଯୁବତୀ ନର୍ସିଂ ଅଫିସର ଏବଂ ମଧ୍ୟସ୍ଥଙ୍କୁ ଯୋଗାଯୋଗ କରିଥିଲେ। ଗତ ମେ ୧୨ ତାରିଖ ଦିନ କିଛି ଯୁବକଯୁବତୀ ଜାନକୀଙ୍କୁ ଧରି ଫୁଲବାଣୀରେ ପହଞ୍ଚିଥିଲେ। ସେଠାରେ ଦେବସ୍ମିତାଙ୍କ ସହ ଜାନକୀ ଯୋଗାଯୋଗ କରିଥିଲେ। ଜବାବରେ ଦେବସ୍ମିତା ସପ୍ତାହେ ମଧ୍ୟରେ ଟଙ୍କା ଫେରସ୍ତ କରିବେ ବୋଲି କେବଳ କହିଥିଲେ। ଏହାପରେ ଯୁବକଯୁବତୀ ଘରକୁ ଫେରିଯାଇଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଦେବସ୍ମିତା ଟଙ୍କା ନ ଫେରାଇବାରୁ ଥାନାରେ ମଧ୍ୟସ୍ଥି ମହିଳା ଜାନକୀ ଏତଲା ଦେଇଛନ୍ତି। ଏ ନେଇ ଫିରିଙ୍ଗିଆ ଥାନାଧିକାରୀ ଗୋପୀନାଥ ପ୍ରଧାନଙ୍କୁ ପଚାରିବାରୁ ଦେବସ୍ମିତାଙ୍କ ନାମରେ ଏତଲା ହୋଇଛି ଓ ଘଟଣାର ତଦନ୍ତ କରାଯାଉଛି ବୋଲି କହିଛନ୍ତି।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି



ପାରଳାଖେମୁଣ୍ଡି, ୭।୭ (ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଜିଲ୍ଲାପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଶଙ୍କର କେର୍କେଟା ଯୋଗ ଦେଇ ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, ତଳକଇଠା, ରାଣୀପେଣ୍ଠ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ୬୩ ଗୋଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୪୯ ଏବଂ ଗ୍ରାମଭିତ୍ତିକ ସମସ୍ୟା ୧୪ ରହିଥଲା। ସେଥିମଧ୍ୟରୁ ୩ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣିରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମହମ୍ମଦ ମୁବାରକ୍ ଆଲ୍ଲୀ, ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ହାତୀ ଉପଦ୍ରବରେ ଗ୍ରାମବାସୀ ଅତିଷ୍ଠ, ଜୀବନ ଜୀବିକା ପ୍ରଭାବିତ

ଜି.ଉଦୟଗିରି, ୭।୭ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକରେ ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ଅତିଷ୍ଠ ହେଲେଣି ଜନସାଧାରଣ। ବିଶେଷକରି କଳିଙ୍ଗା, ସୁଜେଲି, ରାଇପଦା, ରେଟୁଡି, କୁର୍ମୀଙ୍ଗିଆ, ମାଳିକପଡ଼ି, ଜି. ଉଦୟଗିରି, ପଦାସାହି ଆଦି ଅଞ୍ଚଳରେ ମାସ ମାସ ଧରି ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ପ୍ରଭାବିତ ହୋଇଛି ଜୀବନ ଯାତ୍ରା। ସହର ଉପକଣ୍ଠ ପଦାସାହି ଏବଂ ହାତୀ ବାଲି ରେ ହାତୀ ରାତିସାରା ଉପଦ୍ରବ ଚଳାଉଥିବା ବେଳେ ବନ ବିଭାଗକୁନାକେଦମ୍ କରିଥିଲା। ଗତରାତିରେ ପୁଣି ଥରେ କଳିଙ୍ଗା ପଞ୍ଚାୟତ ସୁଜେଲିରେ ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ଦୁଇଟି ହାତୀ ପ୍ରେମାନନ୍ଦ ସାହୁଙ୍କ ଘର ଭାଙ୍ଗୀ ଧାନ ଖାଇ ଦେଇଥିଲେ। କିଛି ଦିନ ତଳେ ନିକଟସ୍ଥ ଜଙ୍ଗଲରୁ ହାତୀ ଦଳି ଦେଇଥିବା ମୃତଦେହ ମିଳିବା ଏବଂ ଏହା ସହିତ ଆଖପାଖ ଜଙ୍ଗଲରେ ହାତୀପଲ



ରହୁଥିବାର ଭିଡିଓ ଭାଇରାଲ ହେବା ପରେ ଅଞ୍ଚଳବାସୀ ଜଙ୍ଗଲକୁ ଯିବାକୁ ଭୟ କରିଛନ୍ତି। ଏବେ ଏକ ଗାଈକୁ ଆକ୍ରମଣ କରି ମାରିଦେଇଥିବା ଜାଣି ଅଧିକ ଭୟଭୀତ ହୋଇଛନ୍ତି ଲୋକେ। ଏଥିରେ ଜଙ୍ଗଲଜାତ ସାମଗ୍ରୀ ସଂଗ୍ରହ କରୁଥିବା ଲୋକଙ୍କ ଜୀବିକା ପ୍ରଭାବିତ ହୋଇଛି। ଜାଳେଣି କାଠ, ପତ୍ର, ଆଦି ସଂଗ୍ରହ କରି ଖଲି, ଦନା ତିଆରି କରି ବିକ୍ରି କରି ପେଟ ପୋଷୁଥିବା ଲୋକେ ଘରୁ ବାହାରି ପାରୁନାହାନ୍ତି। ଦୀର୍ଘ ଦିନ ଧରି ଏହି ଭଳି ସମସ୍ୟା ଲାଗି ରହିଥିବା ବେଳେ ପରିବାର ପ୍ରତିପୋଷଣ ଚିନ୍ତା ବଢ଼ିବାରେ ଲାଗିଛି। ବଜାର ରେ ଜାଳେଣି କାଠ, ଖଲି, ଦନା ମିଳୁନାହିଁ। ଚାରିଆଡ଼େ ହାତୀ ଭୟ ଲାଗି ରହିଛି। ଜଙ୍ଗଲ ଜାତ ସାମଗ୍ରୀ ଧରି ଫେରୁଥିବା ଲୋକେ ହାତୀ ସହ ମୁହାଁମୁହିଁ ହେବା ଓ ପ୍ରାଣ ବିକଳରେ ଦୌଡି ଜୀବନ ରକ୍ଷା କରିବା କଥା କହିଛନ୍ତି। ତେଣୁ ଆଉ ଜଙ୍ଗଲକୁ ଯିବେ ନାହିଁ ବୋଲି କହିଛନ୍ତି। ଆମ୍ବ ପଣସ ଲୋଭରେ ହାତୀ ଏହି ସ୍ଥାନ ଛାଡି ପାରୁନଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ବଢ଼ିଛି ସମସ୍ୟା। କେବେ ସମସ୍ୟା ଦୂର ହେବ ତାହା କହି ହେଉ ନଥିବା ବେଳେ ପ୍ରଭାବିତ ହେଉଥିବା ଲୋକଙ୍କ ସହାୟତା କରାଯିବାକୁ ଦାବି ହେଉଛି।

## ପଞ୍ଚାୟତ କଂଗ୍ରେସ ସଭାପତିଙ୍କ ପରଲୋକ

ଚକାପାଦ, ୭।୭ (ସମିସ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ କଂଗ୍ରେସ ସଭାପତ କାଳିଆ କହଁର (୭୦)ଙ୍କ ଆଜି ଅପରାହ୍ଣରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ପରଲୋକ ହୋଇଛି। ମୃତ୍ୟୁ ସମୟରେ ସ୍ତ୍ରୀ ଏବଂ ପୁଅ ବିନୋଦ କହଁର ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇବା ପରେ କଂଗ୍ରେସ ଜିଲ୍ଲା ସଭାପତି ଚନ୍ଦ୍ର ଶେଖର ପରିଡ଼ା, ବ୍ଲକ ସଭାପତି ଚନ୍ଦ୍ର ଶେଖର ଦଳବେହେରା, ପ୍ରଫୁଲ୍ଲ କୁମାର ଦାସ, ସରୋଜ କୁମାର ଭୋଇ, ସଞ୍ଜିତ କୁମାର ନାଏକ, ଦେବୀଦତ୍ତ ନାଏକ, ବୀଣାପାଣି ନାଏକ ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ କହଁର ଜଣେ ମେଳାପୀ, ଭଦ୍ରବ୍ୟକ୍ତି ଏବଂ କଂଗ୍ରେସ ଦଳର ଜଣେ ବଡ଼ ସଂଗଠକ ଥିଲେ। ତାଙ୍କର ପରଲୋକ ଖବର ପ୍ରଚାର ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ରାଜସ୍ୱ ଅମଲା ସଂଘର କଳା ବ୍ୟାଜ ପରିଧାନ



ପାରଳାଖେମୁଣ୍ଡି, ୭।୭ (ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ଗତ ଜୁନ ୨୫ ତାରିଖରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା ଗଜପତି ଜିଲ୍ଲା ସମ୍ପାଦକ ଶାନ୍ତନୁ ମିଶ୍ରଙ୍କ ନେତୃତ୍ୱରେ ଦଶଦଫା ଦାବି ସମ୍ବଳିତ ଦାବିପତ୍ର ଗଜପତି ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ୧୫ ଦିନ ମଧ୍ୟରେ ଦାବି ପୂରଣ ନହେଲେ ଜୁଲାଇ ୭ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ୍ ପରିଧାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ ଆଜି ଗଜପତି ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା କଳା ବ୍ୟାଜ୍ ପରିଧାନ କରି ସରକାରଙ୍କ ଚରମ ଅବହେଳାକୁ ବିରୋଧ କରିଥିଲେ। ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଆଗାମୀ ୧୩ ତାରିଖ ସୁଦ୍ଧା ଦାବି ପୂରଣ ନ କଲେ ରାଜ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ନିଷ୍ପତ୍ତି ଅନୁସାରେ ଜୁଲାଇ ୧୪ ତାରିଖ ଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଗଜପତି ଜିଲ୍ଲା ସଭାପତି ଶାନ୍ତନୁ ମିଶ୍ର କହିଛନ୍ତି। ଆଜି ଗଜପତି ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହ ଉପଜିଲ୍ଲାପାଳ, ସମସ୍ତ ତହସିଲ, ବ୍ଲକ, ଶିଶୁ ବିକାଶ ପ୍ରକଳ୍ପ, ଜିଲ୍ଲା ପରିଷଦ, ସିଏସଓ, ଆରଟିଓ ଆଦିବାସୀ ବିଦ୍ୟାଳୟ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ରାଜସ୍ୱ ଅମଲା କଳା ବ୍ୟାଜ୍ ପରିଧାନ କରିଥିଲେ।

### ୩୦ କୋଟିର ଟଙ୍କା, ସୁନା ନେଇ ଦମ୍ପତି ଫେରାର

## ଜିଲ୍ଲାପାଳଙ୍କୁ ଫେରାଦ ହେଲେ କ୍ଷତିଗ୍ରସ୍ତ ମହିଳା

ପାରଳାଖେମୁଣ୍ଡି, ୭।୭ (ସମିସ)

ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ସହ ବହୁ ଲୋକଙ୍କୁ ଚୁନ ଲଗାଇ ଲୁଟି ନେଇ ଛୁ ମାରିଥିବା ଦମ୍ପତି ଓ ସେମାନଙ୍କ ପରିବାରଙ୍କ ବିରୋଧରେ ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି ଠକାମୀର ଶିକାର ହୋଇଥିବା ମହିଳା। ଏକାଧିକ ମହିଳା ଗୋଷ୍ଠୀ ନାମରେ ବିଭିନ୍ନ ଘରୋଇ ଅର୍ଥ ଲଗାଣ ସଂସ୍ଥା ଠାରୁ ଋଣ ଉଠାଇ ସମସ୍ତ ଟଙ୍କା ଠକି ନେଇଛନ୍ତି ପାରଳାଖେମୁଣ୍ଡି ଦୋଳ ଟାଙ୍କି ରୋଡ୍ ତଥା ଭିକ୍ଟରୀ କଲୋନୀର ଝିଲି ସାହୁ ଓ ତାଙ୍କ ସ୍ୱାମୀ ଉଦୟନାଥ ସାହୁ। ଏପରିକି ବିଶ୍ୱାସ ଜନ୍ମାଇ ଅନେକଙ୍କ ଠାରୁ ସୁନା ଗହଣା ନେଇ ମହିଳା ମାନଙ୍କ ଉପରେ ଋଣବୋଝ ଲଦି ଚମ୍ପଟ ମାରିଛନ୍ତି। ସେପଟେ ଘରୋଇ ଅର୍ଥଲଗାଣକାରୀ ସଂସ୍ଥା ଋଣ ପରିଶୋଧ କରିବାକୁ ଚାପ ପକାଉଛନ୍ତି। ମହିଳାଙ୍କ ଠାରୁ ଠକି ନେଇଥିବା ମୋଟ ଅର୍ଥର ପରିମାଣ ପ୍ରାୟ ୩୦ କୋଟିରୁ ଉକାଟ ହେବ ବୋଲି କୁହାଯାଉଛି। ଆଜି କ୍ଷତିଗ୍ରସ୍ତ ମହିଳା ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଗୁହାରି କରିଛନ୍ତି। ପ୍ରଶାସନ ଓ ପୁଲିସ କେବଳ ଶାନ୍ତ୍ୱନା ଦେଇ ଫେରାଇ ଦେଇଥିବା ମହିଳା କହିଛନ୍ତି। ଅନ୍ୟପକ୍ଷରେ ଗତ ୪ ମାସ ହେଲା ଥାନାରେ ଅଭିଯୋଗ ହୋଇଥିଲେ ହେଁ ଠକ ଦମ୍ପତିଙ୍କ ଟେର୍ କିପରି ପାଉନି ପୁଲିସ ବୋଲି ଆଲୋଚନାର ବିଷୟ ପାଲଟିଛି। ଏପରିକି ମହିଳାମାନେ କହିଛନ୍ତି ଯେ ଠକ ଦମ୍ପତି ଓ ତାଙ୍କ ପରିବାରର ଅନ୍ୟ ସଦସ୍ୟ ଫେରାର ହେବାପରେ ସେମାନେ କେଉଁଠାରେ ରହିଛନ୍ତି ଏବଂ କେଉଁଠାକୁ ଯାଉଛନ୍ତି ସେ ସବୁ ଖବର ପୁଲିସକୁ ଦେଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ କରାଯାଇଛି।



● ପାତ୍ରପୁରରେ ହଇଜା

## ଏସ୍. ମର୍ଦ୍ଦରାଜପୁରରେ ୧୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ପାତ୍ରପୁର,୭ ।୭(ସମିସ): ସୀମାନ୍ତ ପାତ୍ରପୁର ବ୍ଲକ ବାଦପୁର ପଞ୍ଚାୟତ ଅନ୍ତର୍ଗତ ଏସ୍. ମର୍ଦ୍ଦରାଜପୁର ଗ୍ରାମରେ ଗତକାଲିଠାରୁ ୧୦ରୁ ଊର୍ଦ୍ଧ୍ୱ ଲୋକ ହଇଜା ଆକ୍ରାନ୍ତ ହୋଇଛନ୍ତି । ଆକ୍ରାନ୍ତ ମାନେ ହେଲେ ଟଙ୍କି ନାୟକ, କମଳା ସାଧବ, କୁନି ରାଉତ, ସାବିତ୍ରୀ ଦଳେଇ, କୁନ୍ଦନ ସାଧବ, ଦମୟନ୍ତୀ ସାଧବ, ଭୂମିକା ଦଳେଇ ପ୍ରମୁଖ। ଗ୍ରାମବାସୀ ଛାଡାବାନ୍ତିରେ ଆକ୍ରାନ୍ତ ହେବା ପରେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ।



କିନ୍ତୁ ଗ୍ରାମକୁ ଆମ୍ବୁଲାନ୍ସ ଯିବା ସମ୍ଭବ ହୋଇନଥିବା ବେଳେ ବାଧ ହୋଇ ଆକ୍ରାନ୍ତଙ୍କୁ ଗ୍ରାମବାସୀ ବୁରୁପଡା ପର୍ଯ୍ୟନ୍ତ ବୋହିକି ଆଣିଥିଲେ। ସେଠାରୁ ଅଟୋ ଭଡା କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ଚିକିତ୍ସା ପରେ ସୁସ୍ଥ ଅନୁଭବ ପରେ କିଛି ଆକ୍ରାନ୍ତ ଗ୍ରାମକୁ ଫେରିଛନ୍ତି। ଦୂଷିତ ପାନୀୟ ଜଳରୁ ଏହା ହୋଇଥିବା ଅନୁମାନ କରାଯାଉଛି । ଝାଡାବାନ୍ତି ସଂକ୍ରାନ୍ତରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସମ୍ବିତ ବେଗରାୟଙ୍କ ସହ ଯୋଗାଯୋଗ କରିବାରୁ ଖାଇବା ପଦାର୍ଥରେ କିଛି ଅସୁବିଧା ହୋଇଥିବା ଅନୁମାନ କରାଯାଇଛି । ସମସ୍ତଙ୍କ ପ୍ରାଥମିକ ଚିକିତ୍ସା ସହ ବର୍ତ୍ତମାନ ୫ଜଣ ମେଡିକାଲରେ ଚିକିତ୍ସିତ ହେଉଛନ୍ତି ସମସ୍ତଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିଛି ଓ ପ୍ରଶାସନ ଏବଂ ଡାକ୍ତରୀ ଟିମ ଗ୍ରାମକୁ ଯାଇଥିବା ଶ୍ରୀ ବେଗରାୟ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଅବଗତ ହେବା ସହ ଏ ସମ୍ପର୍କରେ ସ୍ଥାନୀୟ ସ୍ୱାସ୍ଥ୍ୟ ପ୍ରଶାସନ ଓ ଗ୍ରାମାବାସୀଙ୍କ ସହ ଫୋନ ଯୋଗେ ଆଲୋଚନା କରିଛନ୍ତି । ଗ୍ରାମରେ ପରିସ୍ଥିତି ନିୟନ୍ତ୍ରଣରେ ଅଛି। ସଚେତନତା ବ୍ୟାପକ କରାଯିବ ବୋଲି ଶ୍ରୀ ସାମନ୍ତରା ପ୍ରକାଶ କରିଛନ୍ତି ।

### ବିଭିନ୍ନ ସ୍ଥାନରେ ବନ ମହୋତ୍ସବ

# ଗଛ ଲଗାଇଲେ, ସବୁଜ ପୃଥିବୀ କାମନା କଲେ

ବେଲଗୁଣ୍ଠା,୭ ।୭(ସମିସ): ସୋମବାର ବନ ମହୋତ୍ସବ ସପ୍ତାହର ଅନ୍ତିମ ଦିବସ ହୋଇଥିବା ବେଳେ ବେଲଗୁଣ୍ଠା ବ୍ଲକ୍‌ର ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅତିଥିମାନେ ଗଛ ଲଗାଇବା ସହ ସବୁଜ ପୃଥିବୀର କାମନା କରିଥିଲେ। ପାଇଲିପଡ଼ା ସ୍ଥିତ ବସୁନ୍ଧରା ପବ୍ଲିକ୍ ସ୍କୁଲ୍ ପରିସରରେ ଅନୁଷ୍ଠାନର ସଭାପତି ବିଶ୍ୱନାଥ ତ୍ରିପାଠୀଙ୍କ ସଭାପତିତ୍ୱରେ ବନ ମହୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ରୂପେ ଗାଙ୍ଗପୁର ବନପାଳ ମିତା ପୋଲାଇ, ବସୁନ୍ଧରା ପବ୍ଲିକ୍ ସ୍କୁଲ୍ ଉପସଭାପତି ଅରୁଣ କୁମାର ରଣା, ଅନୁଷ୍ଠାନ ସମ୍ପାଦକ ତଥା ବସୁନ୍ଧରା ସେବା ସଦନ ଅଧ୍ୟକ୍ଷ ଭକ୍ତରାମ ଦାସ, ଅନୁଷ୍ଠାନ ଉପଦେଷ୍ଟା ପ୍ରକାଶ ବିଶ୍ୱାଳ, ବାଳକୃଷ୍ଣ ସାବତ,ପ୍ରଧାନ ଶିକ୍ଷକ ବାଦଲ କୁମାର ସ୍ୱାଇଁ, ସମାଜସେବୀ ସୁଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିଲେ ଓ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।

**କୋଦଳା:** ବେଗୁନିଆପଡ଼ା ବ୍ଲକ୍ ଅନ୍ତର୍ଗତ ଧବଳେଶ୍ୱର ବିଦ୍ୟାପୀଠ ସାଙ୍କୁଡାରେ ବନ ମହୋତ୍ସବ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଦେବରାଜ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁମଣ୍ଡଳ ବନ ବିଭାଗର କର୍ମକର୍ତ୍ତା, ସମିତି ସଭ୍ୟା ଜୟନ୍ତୀ ସ୍ୱାଇଁ, ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ବନ ମହୋତ୍ସବ ର ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ଇକୋ କ୍ଲବ ସଂଯୋଜକ ତଥା ଶିକ୍ଷକ ନୀଳକଣ୍ଠ ଦାଶଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ପରିବେଶ ସୁରକ୍ଷା ପାଇଁ ଶପଥ ପାଠ କରାଯାଇଥିଲା ।



**ବେଲପୁର ପ୍ରାଥମିକ ବିଦ୍ୟାଳୟ**

**କବିସୂର୍ଯ୍ୟନଗର:** ବେଲପୁର ପ୍ରାଥମିକ ବିଦ୍ୟାଳୟରେ ସୋମବାର ଦିନ ବନମହୋତ୍ସବ ଅନୁଷ୍ଠିତ ହୋଇଛି । ପ୍ରଧାନ ଶିକ୍ଷକ ଅଶୋକ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ୩୦ଟି ବିଭିନ୍ନ ଔଷଧୀୟ ଚାରାରୋପଣ କରିଥିଲେ। ଅନ୍ୟାନ୍ୟ ସହାୟକ ଶିକ୍ଷକ ମଧ୍ୟରେ ବଂଶୀଧର ନାହାକ, କାଳୁଚରଣ ଭୂୟାଁ ସହଯୋଗ କରିଥିଲେ। ସଚେତନତା ଫ୍ଲେକ୍ସ ମାଧ୍ୟମରେ ବେଲପୁର ଗ୍ରାମରେ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀ ରାଲିରେ ଯୋଗ ଦେଇ ବିଭିନ୍ନ ବୃକ୍ଷରୋପଣ ଉପକାରିତା ସମ୍ପର୍କରେ ସ୍ଲୋଗାନ ଦେଇଥିଲେ। ପ୍ରାଥମିକ ସ୍କୁଲରେ ବିଭିନ୍ନ ଔଷଧୀୟ ବୃକ୍ଷ ତଥା ଆମ୍ବ, ପିଜୁଳି, ନିମ୍ବ, ବେଲ, ଅଳା, ଘିକୁଆରୀ ଆଦି ବହୁ ପ୍ରକାରର ଚାରା, ବୃକ୍ଷ ଏଠି ଦେଖିବାକୁ ମିଳେ। ବନମହୋତ୍ସବ ଶୀର୍ଷକ ଉପରେ ଆଧାରିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗୀତା ପିଲାଙ୍କ ମଧ୍ୟରେ ହୋଇଥିଲା । ସଫଳ ପ୍ରତିଯୋଗୀଙ୍କୁ ସ୍କୁଲ ତରଫରୁ ପୁରସ୍କୃତ କରାଯାଇଥିଲା ।

### ବିଜେଡିର ସାମୂହିକ ବୃକ୍ଷରୋପଣ



ବ୍ରହ୍ମପୁର,୭ ।୭(ସମିସ): ବ୍ରହ୍ମପୁର ବିଜୁ ଜନତା ଦଳ ତରଫରୁ ବନ ମହୋତ୍ସବ ସପ୍ତାହ ଶେଷ ଦିନରେ ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ଆଙ୍କୁଲିସ୍ଥିତ ଶ୍ରୀହରି ନଗର ସାହିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜନାର୍ଦ୍ଦନ ପାତ୍ର, ପ୍ରସାଦ ପାତ୍ର, ପ୍ରମୋଦ ମହାରଣା, ମୁକୁନ୍ଦ ଗୌଡ଼, କେ. ଏଙ୍କିଟି ରେଡ୍ଡୀ, ପ୍ରଭାକର ମହାନ୍ତି, କିଶୋର ଦଳେଇ, ଶଙ୍କର ବେହେରା, କୋମଳ ପାତ୍ର, ଜୁଲି ମହାରଣା, ମନୋଜ ରାଉଳ,ସନତ ଜେନା, ନିରଞ୍ଜନ ସ୍ୱାଇଁ, ମନୋରଞ୍ଜନ ନାୟକ, ସୁରେନ୍ଦ୍ର ରାଉତ, ବିନୋଦ ମିଶ୍ର, ସସ୍ମିତା ଜେନା, ଆନିମା ମିଶ୍ର, ରୀନା ନାୟକ, ଗାୟତ୍ରୀ ଜେନା ଓ ଭିଷ୍ମାଚାର୍ଯ୍ୟ ଚୌଧୁରୀଙ୍କ ସମେତ ସ୍ଥାନୀୟ ବହୁ ସାହିବାସିନ୍ଦା ସହଯୋଗ କରିଥିଲେ।

## ସାପ କାମୁଡ଼ାରେ ମହିଳା ମୃତ

ଶେରଗଡ,୭ ।୭(ସମିସ): ଶେରଗଡ ଥାନା ଅନ୍ତର୍ଗତ ଶୋଲଶୋଲା ଗ୍ରାମର ମହିଳା ହାମ୍ବିଲି ସେଠି (୫୩) ନିଜ ପରିବାର ଲୋକଙ୍କ ସହିତ ଶନିବାର ରାତିରେ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ଏକ ବିଷଧର ସାପ ଘରେ ପଶି ହାମ୍ବିଲିଙ୍କୁ କାମୁଡି ଦେଇଥିଲା। ସାପ କାମୁଡିବା ପରେ ହାମ୍ବିଲିଙ୍କ ନିଦ ଭାଙ୍ଗି ଯାଇଥିଲା ଏବଂ ହାମ୍ବିଲି ସାପ କାମୁଡିଥିବା ପରିବାର ଲୋକଙ୍କୁ ଅବଗତ କରାଇଥିଲେ। ଏହା ପରେ ପରିବାର ସଦସ୍ୟ ପ୍ରାଥମିକ ତାଙ୍କୁ ହିଞ୍ଜିଳିକାଟୁ ଓ ପରେ ବ୍ରହ୍ମପୁର ବଡ ମେଡ଼ିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ହାମ୍ବିଲିଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ତାମିଲନାଡୁରେ ଓଡ଼ିଶା ଶ୍ରମିକଙ୍କ ମୃତ୍ୟୁ

ସାନଖେମୁଣ୍ଡି,୭ ।୭(ସମିସ): ତାମିଲନାଡୁରେ ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ସାନଖେମୁଣ୍ଡି ବ୍ଲକ ଗଙ୍ଗାପୁର ପଞ୍ଚାୟତ ନରସିଂହଗଡ଼ ଗ୍ରାମର କୋରା ପ୍ରଧାନଙ୍କ ପୁଅ ରବୀନ୍ଦ୍ର ପ୍ରଧାନ। ସେ ତାମିଲନାଡୁର ତୁମକୁର ଜିଲ୍ଲାରେ ରବିନ୍ଦ୍ର କାମ କରି ନିଜ ପରିବାର ଭରଣ ପୋଷଣ କରୁଥିଲେ। ସୋମବାର ଭୋରରୁ ରବୀନ୍ଦ୍ରଙ୍କ ଦେହ ଅସୁସ୍ଥ ହୋଇଥିଲା। ତାଙ୍କୁ ଡାକ୍ତରଖାନା ନେବା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପାଇ ଗାଁରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି । ସରକାରୀ ସହାୟତା ନିମନ୍ତେ ପରିବାର ଓ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ଓ ସରକାରକୁ ନିବେଦନ କରିଛନ୍ତି ।

## ବୃଦ୍ଧାଙ୍କ ବେକରୁ ସୁନା ଅଳଙ୍କାର ଲୁଟ୍

ବ୍ରହ୍ମପୁର,୭।୭(ସମିସ): ସ୍ଥାନୀୟ ଶକ୍ତି ନଗର ପ୍ରଥମ ଲାଇନରେ ରହୁଥିବା ଜଣେ ବୃଦ୍ଧାଙ୍କ ବେକରୁ ସୁନା ଅଳଙ୍କାର ଲୁଟ୍ ହୋଇଛି । ଏ ନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି । ଶକ୍ତି ନଗର ପ୍ରଥମ ଲାଇନରେ ଏମ ଯୋଗେଶ୍ୱର ରାଓ ଓ ତାଙ୍କ ସ୍ତ୍ରୀ ଏମ କୁସୁମ କୁମାରୀ(୬୦) ରୁହନ୍ତି। ସୋମବାର ସକାଳେ କୁସୁମ ଘର ସମ୍ମୁଖରେ ଫୁଲ ତୋଳୁଥିବାବେଳେ ଦୁଇ ଜଣ ଦୁର୍ବୃତ୍ତ ବାଇକରେ ଆସି ସେ ପିନ୍ଧିଥିବା ପ୍ରାୟ ୧୫ ଗ୍ରାମର ସୁନା ଚେନ୍ ଓ ମଙ୍ଗଳସୂତ୍ରକୁ ଝାମ୍ପି ନେଇଥିଲେ । ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ଯୁବ ରେଡ୍‌କ୍ରସ୍‌ର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ




ଛତ୍ରପୁର,୭ ।୭(ସମିସ): ଛତ୍ରପୁର ସ୍ଥିତ ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ଗଞ୍ଜାମ ଜିଲ୍ଲା ଯୁବ ରେଡ୍‌କ୍ରସ୍ ତରଫରୁ ଜିଲ୍ଲାସ୍ତରୀୟ ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଜିଲ୍ଲା ରେଡ୍‌କ୍ରସ୍ ସଭାପତି ଡକ୍ଟର ଅଜୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ରେଡ୍‌କ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଓ ଉଚ୍ଚଶିକ୍ଷା ଆଞ୍ଚଳିକ ଉପ ନିର୍ଦ୍ଦେଶକ ଡ. ସୁଶାନ୍ତ ଦାଶ ଉପସ୍ଥିତ ରହି ଯୁବ ରେଡ୍‌କ୍ରସ୍ ଦ୍ୱାରା ସମାଜ ସେବା ଓ ଯୁବ ଶକ୍ତିର ଅବଦାନ ବିଷୟରେ ମତ ବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିବା ଲକ୍ଷ୍ମଣ ସ୍ୱାଇଁ ତାଙ୍କ ଉଦ୍‌ବୋଧନରେ କହିଲେ, "ଆଜିର ଯୁବପିଢି ହେଉଛନ୍ତି ଦେଶର ଭବିଷ୍ୟତ। ଯଦି ସେମାନେ ସମାଜ ସେବା ଓ ମାନବିକତାର ମୂଲ୍ୟ ବୁଝି ତାହାକୁ ନିଜ କର୍ମରେ ଲଗାଇବେ, ତେବେ ଆମ ସମାଜ ପ୍ରଗତୀ ପଥରେ ଆଗେଇଯିବ । ଦ୍ୱିତୀୟ ଅଧିବେଶନରେ ବି. ଗୋବିନ୍ଦ ରାଓ ତାଙ୍କ ଗଭୀର ବ୍ୟାଖ୍ୟା ମାଧ୍ୟମରେ ଯୁବ ସେବାର ଦୃଢ ଭୂମିକା ବିଷୟରେ ଆଲୋଚନା କରିଥିଲେ। ଯୁବ ରେଡ୍‌କ୍ରସ୍ ସଂଯୋଜକ ଡ. ଜଗଦୀଶ ଚନ୍ଦ୍ର ପାଲ ନିଜର ବକ୍ତବ୍ୟରେ ବିକାଶଶୀଳ ଯୁଗରେ ଯୁବ ରେଡ୍‌କ୍ରସ୍‌ର ଅଭିଯାନକୁ ଆଧୁନିକ ଦୃଷ୍ଟିକୋଣ ଦେଇ ବୃହତ୍ତ ଭାବେ ପ୍ରସାର କରିବା ଉପରେ ଗୁରୁତ୍ୱ ଦେଇଥିଲେ।

ପ୍ରାରମ୍ଭରେ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଆବାହକ ଅଧ୍ୟାପିକା ଡ. ମିଳିମିତା ପାଢୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁବ ରେଡ୍‌କ୍ରସ୍‌ର ସଂଯୋଜକ ଜଗଦୀଶ ଚନ୍ଦ୍ର ପାଲ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ବଳାତ୍କାର ଓ ଭ୍ରୂଣ ହତ୍ୟା ସଚେତନତା ରାଲି



ଛତ୍ରପୁର,୭ ।୭(ସମିସ): ଦେଶରେ ନିର୍ବିରୋଧ ଭାବରେ ବଢୁଥିବା ମହିଳା ଉପରେ ଅତ୍ୟାଚାର, ବଳାତ୍କାର ଓ ଭ୍ରୁଣ ହତ୍ୟା ବିରୋଧରେ ଜନଚେତନା ଜଗାଇବାକୁ ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ବାଟୋ ଛତ୍ରପୁର ସାଇକେଲ୍ ଯାତ୍ରା ଆରମ୍ଭ କଲେ ଦୁଇ ସମାଜସେବୀ। ଛତ୍ରପୁର ଅଞ୍ଚଳର ବାଟୋ ଛତ୍ରପୁର ଗ୍ରାମର କିରଣ କୁମାର ଶେଟ୍ଟି ଓ ଆଶିକା କୋଳାସୁଣ୍ଟା ଗ୍ରାମର ଦୀପକ କୁମାର ଗୌଡ଼ ଦୁଇ ଯୁବକ ଏକ ସାହସିକ ଏବଂ ଦୃଢ଼ ସଂକଳ୍ପ ନେଇଛନ୍ତି। ଦେଶରେ ଦିନକୁ ଦିନ ବଢୁଥିବା ମହିଳା ଉପରେ ଅତ୍ୟାଚାର, ବଳାତ୍କାର ଓ ଭ୍ରୁଣ ହତ୍ୟା ଭଳି ଅପରାଧ ବିରୋଧରେ ଲୋକମାନେ ମଧ୍ୟରେ ଜନଚେତନା ଜଗାଇବା ପାଇଁ ସେମାନେ ସମ୍ପୂର୍ଣ୍ଣ ଭାରତ ବ୍ୟାପୀ ଭାବରେ ସାଇକେଲ୍ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ମହାନ କାର୍ଯ୍ୟର ଆରମ୍ଭ ଆଜି ସକାଳେ ବାଟ ଛତ୍ରପୁରରୁ ହୋଇଛି । ଏହି ଯାତ୍ରା ପାଇଁ ତାଙ୍କ ପରିବାର ଓ ଅଞ୍ଚଳବାସୀମାନେ ବଢିଆ ସହଯୋଗ ଓ ଗର୍ବ ବ୍ୟକ୍ତ କରିଛନ୍ତି। ତାଙ୍କ ପିତାମାତାଙ୍କ କହିବା ଅନୁସାରେ, 'ମୋର ପୁଅ ଏକ ମହାନ ଉଦ୍ଦେଶ୍ୟ ପାଇଁ ଘରରୁ ବାହାରିଛି, ତାଙ୍କର ଏହି କାର୍ଯ୍ୟ ଦେଶ ଓ ନାଗରିକଙ୍କ ପାଇଁ ଲାଭକାରୀ ହେବ ।' ଏହି ଯାତ୍ରାରେ ଅଞ୍ଚଳର ଅନେକ ସମାଜସେବୀ ବ୍ୟକ୍ତି ଓ ଯୁବ ମାନେ ଏମାନଙ୍କୁ ସହଯୋଗ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ସେମାନେ ସମସ୍ତ ଭାରତବାସୀ ଓ ସଂଗଠନମାନଙ୍କୁ ଅନୁରୋଧ କରିଛନ୍ତି ।

## ପ୍ରକାଶ ପାଇଲା ଯୁକ୍ତଦୁଇ ପ୍ରଥମ ପର୍ଯ୍ୟାୟ ମେଧାବୀ ତାଲିକା

ବ୍ରହ୍ମପୁର,୭ ।୭(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୋମବାର ଯୁକ୍ତଦୁଇ ଶ୍ରେଣୀ ନାମଲେଖା ନିମନ୍ତେ ପ୍ରଥମ ପର୍ଯ୍ୟାୟ ମେଧାବୀ ତାଲିକା ପ୍ରକାଶ ପାଇଛି । ଉକ୍ତ ଛାତ୍ରଛାତ୍ରୀ ଆସନ୍ତା ୧୪ତାରିଖ ମଧ୍ୟରେ ନିଜ ନିଜ ବିଦ୍ୟାଳୟ ନାମଲେଖାଇ ପାରିବେ ବୋଲି ସାମସ ପକ୍ଷରୁ ସୂଚନା ମିଳିଛି । ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ସରକାରୀ ଓ ଘରୋଇ ବିଦ୍ୟାଳୟ ଗୁଡ଼ିକରେ ମୋଟ ୪୫ହଜାର ୪୬୮ ଟି ସିଟ୍ ରହିଛି । ଜିଲ୍ଲାର ୧୫୭ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳା ପାଠ୍ୟକ୍ରମରେ ୨୪ହଜାର ୧୦୮ ଟି ସିଟ ଥିବା ବେଳେ ବିଜ୍ଞାନରେ ୧୬ହଜାର ୫୩୬ ଓ ୩ହଜାର ୮୯୬ଟି ସିଟ ରହିଛି । ଏହା ସହ ସଂସ୍କୃତ ୩୫୨ଟି ଓ ଧନ୍ଦାମୂଳକ ଶିକ୍ଷାରେ ୫୭୬ଟି ସିଟ ରହିଛି। ସେହିପରି ବ୍ରହ୍ମପୁର ସହରରେ ଥିବା ୨୧ଟି ବିଦ୍ୟାଳୟରେ ମୋଟ ୮୬୪୦ଟି ସିଟରେ ନାମଲେଖା ପ୍ରକ୍ରିୟା ଚାଲିବ । ସେଥିମଧ୍ୟରୁ କଳାରେ ୨୩୫୨, ବିଜ୍ଞାନରେ ୪୮୦୦, ବାଣିଜ୍ୟରେ ୧୪୨୪ ଓ ସଂସ୍କୃତରେ ୬୪ ସିଟ ରହିଛି । ପ୍ରଥମ ପର୍ଯ୍ୟାୟ ମେଧାବୀ ତାଲିକାରେ ସହରର ଖଲ୍ଲିକୋଟ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସାଧାରଣ ବର୍ଗ କଳାରେ ୭୦.୬୭ଶତକଡ଼ା କଟଅଫ ମାର୍କ ରହିଥିବା ବେଳେ ବିଜ୍ଞାନ ୮୪.୩୩ ଓ ବାଣିଜ୍ୟ ୬୬.୬୭ ରହିଛି ।

ସେହିପରି ଶଶିଭୂଷଣ ରଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାଧାରଣ ବର୍ଗରେ କଳା ୭୩.୫୦ଶତକଡ଼ା, ବିଜ୍ଞାନ ୮୨.୪୦, ବାଣିଜ୍ୟରେ ୬୫.୧୭ ରହିଛି। ବିନାୟକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସାଧାରଣ ବର୍ଗର କଳାରେ ୬୨.୬୭ଶତକଡ଼ା, ବିଜ୍ଞାନ ୭୨.୬୭ ଓ ବାଣିଜ୍ୟରେ ୪୭.୩୩ ଶତକଡ଼ା କଟଫ ରହିଥିବା ଜଣାପଡ଼ିଛି ।

## କଳିଙ୍ଗ ବିଦ୍ୟାମନ୍ଦିର ପକ୍ଷରୁ ବନ ମହୋତ୍ସବ



ବ୍ରହ୍ମପୁର,୭ ।୭(ସମିସ): ଫାଷ୍ଟଗେଟ ନିକଟରେ ଥିବା କଳିଙ୍ଗ ବିଦ୍ୟାମନ୍ଦିରରେ ୭୬ତମ ବନମହୋତ୍ସପ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଅଭିଷେକ ପାତ୍ର ଓ ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ଅଶୋକ କୁମାର ସାମନ୍ତ ଏବଂ ଶଙ୍କର ମାଝି ଯୋଗଦେଇ ଥିଲେ। ଏଅବସରରେ ବିଦ୍ୟାମନ୍ଦିର ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଥିଲା। ବନପାଳକ ସୋମନାଥ ମଲ୍ଲିକ ଓ ବନରକ୍ଷୀ ଅଶ୍ୱିନୀ ନାହାକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦର ସଭାପତି ଜବାହାରଲାଲ ଓ ସମ୍ପାଦକ ହରେକୃଷ୍ଣ କୋଠିଆ ସମାଜରେ ବୃକ୍ଷର ଆବଶ୍ୟତା ସମ୍ପର୍କରେ କହିଥିଲେ। ବିଦ୍ୟାମନ୍ଦର ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଳା ପଟ୍ଟନାୟକ, ସଦସ୍ୟ ପ୍ରକୃତି ବନ୍ଧୁ ବନମାଳି ପ୍ରଧାନ, ସ୍କାଉଡ଼ ମାଷ୍ଟର ସିମାଞ୍ଚଳ ପଟ୍ଟନାୟକ, ଗାଇଡ଼ କ୍ୟାପଟେନ ନିନି ସାହୁଙ୍କ ସମେତ ବହୁ ଶିକ୍ଷକଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## 'କଳା କାହ୍ନୁ ମୋର କାଳିଆ ସୁନା' ମଞ୍ଚସ୍ଥ



କୋଦଳା,୭ ।୭(ସମିସ): ଆଷାଢ଼ ଏକାଦଶୀ ଅବସରରେ କୋଦଳା ନିକଟସ୍ଥ ଫାସି ମାଣିକେଶ୍ୱର ଯୁବ ନାଟ୍ୟ ସଂସଦର କଳାକାର ମାନଙ୍କ ଦ୍ୱାରା "କଳା କାହ୍ନୁ ମୋର କାଳିଆ ସୁନା' ନାଟକ ମଞ୍ଚସ୍ଥ ହୋଇଯାଇଛି। ନାଟକକୁ ବରିଷ୍ଠ ଶିକ୍ଷକ ତଥା ପୂର୍ବତନ କଳାକାର ନୀଳକଣ୍ଠ ଦାଶ ଉଦଘାଟନ କରିଥିବା ବେଳେ ୪୪ନଂ ଜିଲ୍ଲା ପରିଷଦ ସଦସ୍ୟ କଲ୍ୟାଣୀ ପାତ୍ର ମୁଖ୍ୟ ଅତିଥି, ପୂର୍ବତନ ସରପଞ୍ଚ ନବୀନ ଦଳେଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିନାୟକ ପାତ୍ର, ସୀମାଞ୍ଚଳ ପଣ୍ଡା, ବୈକୁଣ୍ଠ ନାଥ ମହାପାତ୍ର, ପଙ୍କଜ ଦଳେଇ, ସୁବାସ ପାଣି, ଲମ୍ବୋଦର ସାହୁ, ଲୁନା ପଟନାୟକ, ଜଟେଶ୍ୱର ପଣ୍ଡା, ଶାନ୍ତନୁ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ନିର୍ଦ୍ଦେଶନା ଦେଇଥିଲେ ନୀଳାଚଳ ସାହୁ। ମଞ୍ଚ ପରିଚାଳନା କରିଥିଲେ ରବିନାରାୟଣ ଶତପଥୀ । ପ୍ରାରମ୍ଭରେ ଦିବଂଗତ ନାଟ୍ୟକାର, ନିର୍ଦ୍ଦେଶକ, ସଂଗଠକ ସ୍ୱର୍ଗତ ତ୍ରିନାଥ ଦାଶ, ସମାଜସେବୀ ସ୍ୱର୍ଗତ ହୃଷୀକେଶ ପାତ୍ରଙ୍କ ସ୍ମୃତିଚାରଣ କରାଯାଇଥିଲା।

# ଗଞ୍ଜାମ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ



● ମହିଳା ବର୍ଗରେ ସାଇଲକ୍ଷ୍ମୀ, ପୁରୁଷରେ ସମୀର ଚାମ୍ପିଅନ

● ପୁରୁଷ ଡବଲ୍ସରେ ଚମକିଲେ ସରୋଜ-ପ୍ରତୀକ ଯୋଡ଼ି

● ୪୦ବର୍ଷରୁ ଊର୍ଦ୍ଧ୍ୱ ମାଷ୍ଟର୍ସ ବର୍ଗରେ ଶିବ-ଶ୍ରବଣ ଯୋଡ଼ି ବିଜୟୀ

ବ୍ରହ୍ମପୁର,୭ ।୭(ସମିସ): ଗଞ୍ଜାମ ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ଆନୁକୂଲ୍ୟରେ ଆୟୋଜିତ ଗଞ୍ଜାମ ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପ୍-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ପଡ଼ିଆରେ ଥିବା ଇନ୍‌ଡୋର ଷ୍ଟାଡିୟମରେ ଗତ ୩ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ୧୩୯ଟି ଦଳରେ ମୋଟ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଖେଳାଳି ବାଳକ, ବାଳିକା, ପୁରୁଷ ଓ ମହିଳା ଆଦି ୪ଟି ବର୍ଗରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ୧୧ବର୍ଷରୁ କମ୍ ବର୍ଗ ବାଳକ ବିଭାଗ ସିଙ୍ଗଲ୍ସରେ ବିନୀତ କୁମାର ରାଇକା ଚାମ୍ପିଅନ ହୋଇଥିବାବେଳେ କ୍ରୀଷ୍ଣା ସେଠୀ ରନର୍ସଅପ୍, ୧୩ବର୍ଷରୁ କମ୍ ବାଳକ ବର୍ଗ ସିଙ୍ଗଲ୍ସରେ ତେଜାସ ଜେନା ଚାମ୍ପିଅନ ଓ ଆୟୁଷ୍ମାନ ସେଠୀ ରନର୍ସଅପ୍। ସେହିଭଳି ୧୫ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ଅର୍ଚ୍ଚିଶା ପଣ୍ଡା ଚାମ୍ପିଅନ ଓ ପ୍ରସିଦ୍ଧି ପ୍ରିୟା ରନର୍ସଅପ୍। ୧୫ବର୍ଷରୁ କମ୍ ବାଳକ ସିଙ୍ଗଲ୍‌ସରେ ସାଇ ସଙ୍କେତ ପଟ୍ଟନାୟକ ଚାମ୍ପିଅନ ଓ ଦାସୁ ସାଇ ହେମନ୍ତ ରନର୍ସଅପ୍। ୧୯ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ସତ୍ୟ ନାରାୟଣ ଜେନା ଚାମ୍ପିଅନ ଓ ଜାହାନ ଠାକୁର ରନର୍ସଅପ୍ ହୋଇଥିଲେ। ୧୯ବର୍ଷରୁ କମ୍ ବାଳକ ଡବଲ୍ସରେ ସତ୍ୟରଞ୍ଜନ ଜେନା ଓ ଜହନ ଠାକୁରଙ୍କ ଯୋଡ଼ି ଅମୃତ ଅଭିଳାଷ ଓ ଜି. ରୋଶନ ରେଡ୍ଡୀଙ୍କ ଯୋଡ଼ିକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ମହିଳା ବର୍ଗ ସିଙ୍ଗଲ୍ସରେ ଏ.ସାଇଲକ୍ଷ୍ମୀ ରାଓ ଫାଇନାଲରେ ଅର୍ଚ୍ଚିଶା ପଣ୍ଡାଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ପୁରୁଷ ବର୍ଗ ସିଙ୍ଗଲ୍ସରେ ରୁଦ୍ର ପ୍ରତାପ ସାମନ୍ତଙ୍କୁ ପରାସ୍ତ କରି ସମୀର ଘଣ୍ଟ ଚାମ୍ପିଅନ ହୋଇଥିଲେ। ପୁରୁଷ ଡବଲ୍ସ ବର୍ଗର ଫାଇନାଲ ମ୍ୟାଚ ଖୁବ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ ରୁଦ୍ରପ୍ରତାପ ସାମନ୍ତ ଓ ଜି. ସମୀରଙ୍କ ଯୋଡ଼ିକୁ ପ୍ରତିପକ୍ଷ ବି. ସରୋଜ ଦୋରା ଓ ପ୍ରତୀକ ଦଳାଇଙ୍କ ଯୋଡ଼ି ପରାସ୍ତ କରିଥିଲେ। ସେହିଭଳି ପ୍ରତିଯୋଗିତାର ୪୦ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ମାଷ୍ଟର୍ସ ଡବଲ୍ସରେ ଶିବପ୍ରସାଦ ପାଢ଼ୀ ଓ ଶ୍ରବଣ ଜାମ୍ପାଙ୍କ ଯୋଡ଼ି କେଶବ ବେହେରା ଓ ତାହିର ମହମ୍ମଦଙ୍କ ଯୋଡ଼ିକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ସିନିଅର ଚିଫ୍ ରେଫେରୀ ଅଚ୍ୟୁତ ଆଚାର୍ଯ୍ୟ ଓ ଦୀପକ ତିବରୱାଲା ସମସ୍ତ ମ୍ୟାଚକୁ ପରିଚାଳନା କରିଥିଲେ। ରବିବାର ରାତିରେ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ରୋଟାରିଆନ ଅଜୟ କୁମାର, ମନୋଜ ପାଣି, ଜଗଜୀବନ ପାତ୍ର, ମିତେନ ଭୂୟାଁ, କେଶବ ବେହେରା, ସୁଧାଂଶୁ ଅଗସ୍ତି, ସୁରେଶ ମିଶ୍ର, ଶୁଭ୍ରକାନ୍ତ ସାବତ ଓ ସନ୍ତୋଷ ପଣ୍ଡିତ ପ୍ରମୁଖ ଚାମ୍ପିଅନ ଓ ରନର୍ସଅପ୍ ଖେଳାଳିଙ୍କୁ ଟ୍ରଫି ସହ ଉପହାର ପ୍ରଦାନ କରିଥିଲେ।

### ଗଞ୍ଜାମ ଜିଲ୍ଲା ଫୁଟ୍‌ବଲ ଲିଗ୍

# ଫାଇନାଲରେ 'ବ୍ରହ୍ମପୁର ପୁଲିସ' ଓ 'ବାରାକ୍ସ'



ବ୍ରହ୍ମପୁର,୭ ।୭(ସମିସ): ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ଆନୁକୂଲ୍ୟରେ ଆୟୋଜିତ ଗଞ୍ଜାମ ଜିଲ୍ଲା ଫୁଟବଲ ଲିଗ-୨୦୨୫ର ଦୁଇଟି ସେମି-ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଏହି ଫୁଟବଲ ଲିଗ ମ୍ୟାଚର ପ୍ରଥମ ସେମିଫାଇନାଲ ବ୍ରହ୍ମପୁରର 'ବାରାକ୍ସ' ଓ ପଦ୍ମନାଭପୁରର 'ଗ୍ରୀନ୍ ଚିଲି' ଏବଂ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ 'ବ୍ରହ୍ମପୁର ପୁଲିସ' ଓ ନଟରାଜ କ୍ଲବ୍ ମଧ୍ୟରେ ହୋଇଥିଲା। ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ବାରାକ୍ସ ଦଳ ପ୍ରତିପକ୍ଷ ଗ୍ରୀନ ଚିଲି ଦଳକୁ (୪-୧) ଗୋଲରେ ପରାସ୍ତ କରି ପ୍ରଥମ ଦଳ ଭାବେ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲା। ସେହିଭଳି ସୋମବାର ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ସେମି ଫାଇନାଲରେ 'ବ୍ରହ୍ମପୁର ପୁଲିସ' ଦଳ ପ୍ରତିପକ୍ଷ 'ନଟରାଜ କ୍ଲବ'କୁ (୩-୧) ଗୋଲ ବ୍ୟବଧାନରେ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଟୁର୍ଣ୍ଣମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲା। ମଙ୍ଗଳବାର ଗଞ୍ଜାମ ଫୁଟବଲ ଲିଗ-୨-୨୫ର ଫାଇନାଲ ମ୍ୟାଚ ବ୍ରହ୍ମପୁର ପୁଲିସ ବନାମ ବାରାକ୍ସ ଦଳ ମଧ୍ୟରେ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟର ଉଭୟ ସେମିଫାଇନାଲରେ ମ୍ୟାଚ ରେଫେରୀ ଭାବେ ରମେଶ ଚନ୍ଦ୍ର ବେହେରା, ଭିନସେଣ୍ଟ ଦାସ, ଗୋପାଳ ଚନ୍ଦ୍ର ପଣ୍ଡା ଓ ଅଭିମନ୍ୟୁ ବେହେରା ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ସେମି ଫାଇନାଲ ମ୍ୟାଚରେ ଅତିଥିଭାବେ ବ୍ରହ୍ମପୁର ପୋଲିସ ହାବିଲଦାର ଓ କନେଷ୍ଟବଳ ସଙ୍ଘର ସଭାପତି ନୟନ ଆଚାର୍ଯ୍ୟ ଓ ସମ୍ପାଦକ ପ୍ରଶାନ୍ତ ମାର୍ଥାଙ୍କ ସମେତ ଏଲ୍. କେ. ରାଓରେଡି, ଡି. ଆପାରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି. ଡି. ଗନ୍ତାୟତ, ରାଜେନ୍ଦ୍ର ଗନ୍ତାୟତ, ଗୋପାଳ ପଣ୍ଡା, ପ୍ରମୋଦ ମହାରଣା, ରାଜେନ୍ଦ୍ର ସାହୁ, ବି. ଜେ. ପାତ୍ର, ଜି. ଏମ. ବାବୁ ଏବଂ ଗଞ୍ଜାମ ଜିଲ୍ଲା ସଙ୍ଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।ମଙ୍ଗଳବାର ଅପରାହ୍ନ ୪ଟା ସମୟରେ ଲିଗ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି ।

